ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
30 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008

ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

ମୂଲ୍ୟ ୨.୦୦ : ୮ ପୃଷ୍ଠା 8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୨୮୯ ● ୧୮ ନଭେମ୍ବର ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-289 ● 18th November 2024, Monday ● Bhubaneswar | Licensed to post without pre-payment of postage No- BN-60/25-27

ବନ୍ଦେ ମାତରମ, ଜୟଘୋଷ ସହ ମୋଦିଙ୍କୁ ଭବ୍ୟ ସ୍ୱାଗତ କଲେ ପ୍ରବାସୀ ଭାରତୀୟ

ଅବୁଜା, ୧୭।୧୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କର ତିନି ଦେଶ ଗସ୍ତର ପ୍ରଥମ ପର୍ଯ୍ୟାୟରେ ରବିବାର ସକାଳେ ନାଇଜେରିଆରେ ପହଞ୍ଚିଥିଲେ। ଆବୁଜା ବିମାନବନ୍ଦରରେ ନାଇଜେରିଆ ରାଷ୍ଟ୍ରପତି ବୋଲା ଅହମ୍ମଦ ଟିନୁବୁ ତାଙ୍କୁ ସ୍ୱାଗତ କରିଥିଲେ। ସେଠାରେ ଥିବା କେନ୍ଦ୍ରୀୟ ରାଜଧାନୀ ଅଞ୍ଚଳର ମନ୍ତ୍ରୀ ତାଙ୍କୁ ସାଙ୍କେତିକ ଭାବରେ ଆବୁଜା ସହରର ଛବି ଉପସ୍ଥାପନ କରିଥିଲେ।

ଗତ ୧୭ ବର୍ଷ ମଧ୍ୟରେ ଏହି ଦେଶକୁ ଭାରତୀୟ ପ୍ରଧାନମନ୍ତ୍ରୀଙ୍କ ପ୍ରଥମ ଗସ୍ତ। ଏହାପୂର୍ବରୁ ୨୦୦୭ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ମନମୋହନ ସିଂ ନାଇଜେରିଆ ଗସ୍ତ କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସ୍ୱାଗତ କରିବାକୁ ଭାରତୀୟ ସମ୍ପ୍ରଦାୟର ବହୁ ସଂଖ୍ୟକ ଲୋକ ଅବୁଜା ବିମାନବନ୍ଦରରେ ପହଞ୍ଚି ଥିଲେ। ଲୋକମାନେ ଏହି ଅବସରରେ ଭାରତ ମାତା କି ଜୟ ଏବଂ

ବନ୍ଦେ ମାତରମର ସ୍ଲୋଗାନ ଦେଇଥିଲେ।

ତାଙ୍କୁ ସ୍ୱାଗତ କରିଥିବାରୁ ନାଇଜେରିଆର ଭାରତୀୟ ସମ୍ପ୍ରଦାୟକୁ ଧନ୍ୟବାଦ ଜଣାଇ ପ୍ରଧାନମନ୍ତ୍ରୀ ମୋଦି ଇନଷ୍ଟାଗ୍ରାମରେ ଏକ ପୋଷ୍ଟରେ ଲେଖିଛନ୍ତି, ନାଇଜେରିଆରେ ଭାରତୀୟ ସମ୍ପ୍ରଦାୟ ଦ୍ୱାରା ଏପରି ଉଷ୍ମ ଏବଂ ଉତ୍ସାହଜନକ ସ୍ୱାଗତ ହୃଦୟସ୍ପର୍ଶୀ!

ସେ ନାଇଜେରିଆରେ ରହୁଥିବା ଭାରତୀୟ ସମ୍ପ୍ରଦାୟକୁ ମଧ୍ୟ ପ୍ରଶଂସା କରିଥିଲେ। ପ୍ରଧାନମନ୍ତ୍ରୀ ପଶ୍ଚିମ ଆଫ୍ରିକା ଦେଶରେ *(ପୃଷ୍ଠା ୭ରେ)*

ମଣିପୁରରେ କୁକି ଗୋଷ୍ଠୀର ଆତଙ୍କରାଜ ୬ ଅପହୃତଙ୍କୁ ହତ୍ୟା ପରେ କର୍ଫ୍ୟୁ

ଇମ୍ଫାଲ, ୧୭।୧୧

ମଣିପୁର ହିଂସା ପୁଣି ଭୟଙ୍କର ହେବାରେ ଲାଗିଛି। ଗତ ସୋମବାରଠାରୁ ଅପହୃତ ଗୋଟିଏ ପରିବାରର ୬ ଜଣଙ୍କୁ କୁକି ଉଗ୍ରପନ୍ଥୀମାନେ ନିର୍ମମ ଭାବେ ହତ୍ୟା କରିଛନ୍ତି। ସମସ୍ତଙ୍କ ମରଶରୀର ଏକ ନଦୀରୁ ମିଳିବା ପରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ମୃତକଙ୍କ ମଧ୍ୟରେ ୩ ଜଣ ମହିଳା ଏବଂ ୩ ଜଣ ଶିଶୁ ଅଛନ୍ତି। ଏକ ୮ ମାସର ଶିଶୁକୁ ବି ସେମାନେ ଛାଡ଼ିନାହାନ୍ତି। ଜିରି ନଦୀରେ ସମସ୍ତ ୬ ଜଣଙ୍କ ମୃତଦେହ ଭାସୁଥିବା ଦେଖିବାପରେ ସ୍ଥାନୀୟ ଲୋକମାନେ ପୁଲିସରେ ଖବର ଦେଇଥିଲେ। ତୁରନ୍ତ ମୃତଦେହଗୁଡ଼ିକୁ ସିଲଚର ମେଡିକାଲ କଲେଜ ନେଇ ବ୍ୟବଚ୍ଛେଦ କରାଯାଇଥିଲା। ଜିରିବାମର ବୋରବେକ୍ରା ଅଞ୍ଚଳରେ ସୁରକ୍ଷାକର୍ମୀ ଓ ଉଗ୍ରପନ୍ଥୀଙ୍କ ମଧ୍ୟରେ ଗୁଳି ବିନିମୟ ଘଟଣାର କିଛି ସମୟ ପରେ ୬ ଜଣଙ୍କ ମୃତଦେହ ଠାବ ହୋଇଥିଲା। ସମସ୍ତ ମୃତକ ମେତେୟୀ ସମ୍ପ୍ରଦାୟର। ସେମାନେ ବୋରବେକ୍ରା ଥାନା ଅଧୀନସ୍ଥ ଏକ ରିଲିଫ

କ୍ୟାମ୍ପରେ ରହୁଥିବାବେଳେ ଉଗ୍ରପନ୍ଥୀମାନେ ସେଠାରେ ଆକ୍ରମଣ କରିଥିଲେ। ଶିବିର ଉପରେ ସେମାନେ ଗୁଳିମାଡ଼ କରିବା ସହ ଅନେକ ଘରେ ନିଆଁ ଲଗାଇ ଦେଇଥିଲେ ଏବଂ ଗୋଟିଏ ପରିବାରର ୬ ଜଣଙ୍କୁ ଅପହରଣ କରିନେଇଥିଲେ। ଜିରିମୁଖରେ ଜିରି ନଦୀରୁ ସମସ୍ତଙ୍କ ମୃତଦେହ ଠାବ ହେବାପରେ ଏବେ ବିସ୍ଫୋରକ ସ୍ଥିତି ଉପୁଜିଛି।

ଉଲ୍ଲେଖଯୋଗ୍ୟ, ମୃତ୍ୟୁ ହୋଇଥିବା ୬ ଜଣଙ୍କ ମଧ୍ୟରେ ଜଣେ ମହିଳା, ତାଙ୍କ ୨ ଝିଅ ଏବଂ ୩ ନାତି ନାତୁଣୀ ଥିଲେ। ଇତିମଧ୍ୟରେ ମଣିପୁରର ଇମ୍ଫାଲ ପଶ୍ଚିମ ଏବଂ ଇମ୍ଫାଲ ପୂର୍ବରେ ଏହି ୬ ଜଣଙ୍କୁ ହତ୍ୟା ଘଟଣାର ବିରୋଧ କରି ଜୋରଦାର ଆନ୍ଦୋଳନ ହୋଇଥିବାରୁ ଏହି *(ପୃଷ୍ଠା ୭ରେ)*

ମଣିପୁରରେ ସ୍ଥିତି ସୁଧାରିବାରେ ମୁଖ୍ୟମନ୍ତ୍ରୀ ଫେଲ୍, ଭାଜପାଠାରୁ ସମର୍ଥନ ଫେରାଇନେଲା ସହଯୋଗୀ ଦଳ

ମଣିପୁର, ୧୭।୧୧

ମଣିପୁରରେ ଚାଲିଥିବା ହିଂସା ମଧ୍ୟରେ ନ୍ୟାସନାଲ ପିପୁଲ୍ସ ପାର୍ଟି ଭାଜପା ରାଷ୍ଟ୍ରୀୟ ସଭାପତି ଜେପି ନଡାଙ୍କୁ ଚିଠି ଲେଖି ସମର୍ଥନ ପ୍ରତ୍ୟାହାର କରିବାକୁ ଜଣାଇଛନ୍ତି। ସେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଏନ. ବିରେନ ସିଂଙ୍କ ନେତୃତ୍ୱରେ ସରକାର ବର୍ତ୍ତମାନର ପରିସ୍ଥିତିର ମୁକାବିଲା କରିବାରେ ବିଫଳ ହୋଇଛନ୍ତି। ତେଣୁ ସେ ତୁରନ୍ତ ପ୍ରଭାବ ସହିତ ସମର୍ଥନ ପ୍ରତ୍ୟାହାର କରୁଛନ୍ତି।

ଏନପିପି ପକ୍ଷରୁ ଜେପି ନଡାଙ୍କୁ ଲେଖାଯାଇଥିବା ଚିଠିରେ ମଣିପୁର ବର୍ତ୍ତମାନର ସ୍ଥିତି ଏବଂ ଆଇନ ଶୃଙ୍ଖଳାକୁ ନେଇ ଚିନ୍ତା ପ୍ରକଟ କରାଯାଇଛି। ଏଥିରେ କୁହାଯାଇଛି ଯେ, ଗତ କିଛି ଦିନରେ ରାଜ୍ୟର ସ୍ଥିତି ଆହୁରି ଖରାପ ହେବା ନଜରକୁ ଆସିଛି। ଯେଉଁଥିରେ ଅନେକ ସାଧାରଣ ଲୋକ ସେମାନଙ୍କର ଜୀବନ ହରାଉଛନ୍ତି। ରାଜ୍ୟରେ ଲୋକମାନେ ବଡ଼ ସଙ୍କଟ ଦେଇ *(ପୃଷ୍ଠା ୭ରେ)*

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ଆରବିଆଇକୁ ବୋମାରେ ଉଡାଇବା ପାଇଁ ମିଳିଲା ଧମକ

ନୂଆଦିଲ୍ଲୀ, ୧୭।୧୧

ଭାରତୀୟ ରିଜର୍ଭ ବ୍ୟାଙ୍କ ତଥା ଆରବିଆଇକୁ ମିଳିଲା ଧମକ। ଆତଙ୍କବାଦୀ ସଙ୍ଗଠନ ଲସ୍କର ନାଁରେ ମୁମ୍ବାଇର ଆରବିଆଇ ବ୍ୟାଙ୍କର କଷ୍ଟମର କେୟାରକୁ କେହି ଜଣେ ବ୍ୟକ୍ତି ଫୋନ କରି ଧମକ ଦେଇଛନ୍ତି। ଏହାକୁ ନେଇ ଏବେ ଚାରିଆଡେ ଆତଙ୍କ ଖେଳି ଯାଇଛି। ଏହି ଧମକପୂର୍ଣ୍ଣ କଲ ଆସିବା ପରେ ମୁମ୍ବାଇ ପୁଲିସ ଏକ ମାମଲା ରୁଜୁ କରିଛି।

ସୂଚନା ମୁତାବକ, ଶନିବାର ସକାଳ ୧୦ଟାରେ ଆରବିଆଇର କଷ୍ଟମର କେୟାର ନମ୍ବରରେ ଏହି ଧମକପୂର୍ଣ୍ଣ କଲ ଆସିଥିଲା। ଜଣେ ବ୍ୟକ୍ତି ନିଜକୁ ଲସ୍କର-ଇ-ତୋଇବାର ସିଇଓ ବୋଲି ପରିଚୟ ଦେଇଥିଲେ। ଏହାପରେ ବ୍ୟାଙ୍କର ପଛ ରାସ୍ତାକୁ ବନ୍ଦ

କରିଦିଅ। ଇଲେକ୍ଟ୍ରିକ କାର ଖରାପ ହୋଇଯାଇଛି ବୋଲି କହି ଉକ୍ତ ବ୍ୟକ୍ତି ଜଣକ ନିଜ ଧମକରେ କହିଥିଲେ।

ଏହି ଫୋନ କଲ ଆସିବା ପରେ ଆରବିଆଇ ଅଧିକାରୀ ତୁରନ୍ତ ପୁଲିସକୁ ସୂଚନା ଦେଇଥିଲେ। ମୁମ୍ବାଇର ରମାବାଇ ପୁଲିସ ଷ୍ଟେସନରେ ଏନେଇ ମାମଲା ରୁଜୁ ହୋଇଛି। ବର୍ତ୍ତମାନ ଅଭିଯୁକ୍ତକୁ ଚିହ୍ନଟ କରିବା ତଥା ତା' ପାଖରେ ପହଞ୍ଚିବା ପାଇଁ ପୁଲିସ ତଦନ୍ତ ଜାରି *(ପୃଷ୍ଠା ୭ରେ)*

ଲକ୍ଷ୍ମୀ ବସ୍‌ର ମନମାନିକୁ ଚ୍ୟାଲେଞ୍ଜ କରି ଆନ୍ଦୋଳନକୁ ଓହ୍ଲାଇବ ଘରୋଇ ବସ୍ ମାଲିକ ସଂଘ

ପୁରୁଷୋତ୍ତମପୁର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ଲକ୍ଷ୍ମୀ ବସ୍ ମନୋମୁଖୀ ଚଳାଚଳ କରୁଥିବାର ଅଭିଯୋଗ କରି ଧର୍ମଘଟ ଡାକରା ଦେଇଛି ଘରୋଇ ବସ୍ ମାଲିକ ସଂଘ। ଯଦ୍ୱାରା ଆସନ୍ତା ୨୦ ତାରିଖରୁ ସମଗ୍ର ଗଞ୍ଜାମ ଜିଲ୍ଲାରେ ଯାତାୟାତ ସମ୍ପୂର୍ଣ୍ଣ ରୂପେ ଠପ ହୋଇଯିବାର ଆଶଙ୍କା ଦେଖାଦେଇଛି। ପୁରୁଷୋତ୍ତମପୁର ମା' କନକେଶ୍ୱରୀ ଘରୋଇ ବସ୍ ମାଲିକ ସଂଘ ପକ୍ଷରୁ ଗଞ୍ଜାମ ଜିଲ୍ଲାର ବିଭିନ୍ନ ଘରୋଇ ବସ୍ ମାଲିକମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ କନକେଶ୍ୱରୀ ବସ୍ ମାଲିକ ସଂଘର ସଭାପତି ସନ୍ତୋଷ କୁମାର ପତି ଅଧ୍ୟକ୍ଷତା କରିଥିଲେ।

ବେନିୟମ ଭାବେ ଲକ୍ଷ୍ମୀ ବସ ତଥା

ମୁଖ୍ୟମନ୍ତ୍ରୀ ବସ୍ ସେବା ଯୋଜନାରେ ବସ୍‌ଗୁଡ଼ିକ ଚଳାଚଳ କରୁଛି, ଯାହାଫଳରେ ଘରୋଇ ବସ୍ ମାଲିକମାନେ କ୍ଷତି ସହିବା ସହିତ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ ହେବାରେ ଲାଗିଛନ୍ତି। ତେଣୁ ଲକ୍ଷ୍ମୀ ବସ୍‌ର କାର୍ଯ୍ୟକଳାପକୁ ବିରୋଧ କରି ଆସନ୍ତା ୨୦ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ବସ୍ ଧର୍ମଘଟ କରାଯିବା ନେଇ ଘରୋଇ ବସ ମାଲିକ ସଂଘ ଡାକରା ଦେଇଛି। ଏପରିକି ଗଞ୍ଜାମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ବସ୍ ମାଲିକମାନେ ଅନଶନ କରିବା ନେଇ ଚେତାବନୀ ଦେଇଛନ୍ତି।

ବସ୍ ମାଲିକମାନେ ଜନସାଧାରଣଙ୍କ ସହଯୋଗ ଲୋଡ଼ିବା ସହ ଅଭିଯୋଗ କରିଛନ୍ତି ଯେ, ଲକ୍ଷ୍ମୀ ବସ କୌଣସି ନୀତି ନିୟମ ପ୍ରକାରେ ଚଳାଚଳ ନ କରି ନିଜ ଇଚ୍ଛା ମୁତାବକ ଭାବରେ ଚଳାଚଳ କରୁଛି। ସମସ୍ତ ଗାଡ଼ି ଚଳାଚଳ କରିବା *(ପୃଷ୍ଠା ୭ରେ)*

ହାସ୍ୟ ଅଭିନେତା ଜୟୀ ଜୀବନବ୍ୟାପୀ ସାଧନା ପାଇଁ ପୁରସ୍କୃତ

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ସିନେମା ଜଗତର ବର୍ଷୀୟାନ କଳାକାର ଜୟୀରାମ ସାମଲଙ୍କୁ ସମ୍ମାନିତ କରାଯାଇଛି। ରାଜ୍ୟ ଚଳଚ୍ଚିତ୍ର ପୁରସ୍କାର ପ୍ରଦାନ ସମାରୋହରେ ଓଡ଼ିଆ ସିନେମାକୁ ନୂଆ ପରିଚୟ ଦେଇଥିବା କିମ୍ବଦନ୍ତୀ ଅଭିନେତାଙ୍କୁ ସମ୍ମାନ ପ୍ରଦାନ କରାଯାଇଛି। ଓଡ଼ିଆ ସିନେମାର ସର୍ବଶ୍ରେଷ୍ଠ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ପୁରସ୍କୃତ କରାଯାଇଛି।

ଜୟୀରାମ ସାମଲଙ୍କ ବ୍ୟତୀତ ଅନନ୍ତ ମହାପାତ୍ରଙ୍କ ମୋହନ ସୁନ୍ଦର *(ପୃଷ୍ଠା ୭ରେ)*

ପୂର୍ତ୍ତମନ୍ତ୍ରୀଙ୍କ ବଡ଼ ସୂଚନା: ରାସ୍ତା ନିର୍ମାଣରେ ଆସିବ ନୂଆ ନୀତି

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ରାସ୍ତା ନିର୍ମାଣକୁ ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ଆଣିବାକୁ ଯୋଜନା କରୁଛନ୍ତି। ରାଜ୍ୟ ସରକାରଙ୍କର ବିଭିନ୍ନ ବିଭାଗ ଅଧିନରେ ରହିଥିବା ରାସ୍ତାଗୁଡ଼ିକର ନିର୍ମାଣକୁ ନେଇ ରାଜ୍ୟ ସରକାର ସ୍ୱତନ୍ତ୍ର ନୀତି ଆଣିବେ।

ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏହି ନୀତିରେ ନିୟମାବଳୀ ରହିବ। ଏନେଇ ଲୋକସେବା ଭବନ ସମ୍ମିଳନୀ କକ୍ଷରେ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି।

ବହୁ ସମୟରେ ରାସ୍ତାରେ କେବୁଲ ବିଛାଇବା, ଡ୍ରେନ ତଥା ସ୍ୱରେଜ ନିର୍ମାଣ ପାଇଁ ବିଭିନ୍ନ ସଂସ୍ଥା ସରକାରଙ୍କ ବିନାନୁମତିରେ ରାସ୍ତା ଖୋଳିଥାନ୍ତି। ଏହି ଘଟଣାର ନିରାକରଣ ପାଇଁ ସେଭଳି ସଂସ୍ଥା ବିରୋଧରେ ଜରିମାନା ଲାଗୁ ନେଇ ନୀତିରେ ଉଲ୍ଲେଖ ରହିବ ବୋଲି

କୁହାଯାଇଛି।

ଏଥିସହିତ ବିଭିନ୍ନ ଇଞ୍ଜିନିୟରିଂ ବିଭାଗରେ ଖାଲି ଥିବା ପଦ ପୂରଣ ଓ ରାସ୍ତା ନିର୍ମାଣ ବେଳେ ଅତ୍ୟାଧୁନିକ ଜ୍ଞାନକୌଶଳ ବ୍ୟବହାର କରାଯିବ ବୋଲି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି।

ବୈଠକରେ କୁହାଯାଇଛି, ଜାତୀୟ ରାଜପଥ, ରାଜ୍ୟ ରାଜପଥ ସହିତ ପୂର୍ତ୍ତ, ଗ୍ରାମ୍ୟ ବିକାଶ, ନଗର ଉନ୍ନୟନ, ପଞ୍ଚାୟତିରାଜ ଓ ବିଭିନ୍ନ ମହାନଗର ନିଗମ ଅଧିନରେ ଅନେକଗୁଡ଼ିଏ ରାସ୍ତା ରହିଛି। ବିଭିନ୍ନ ବିଭାଗ ମଧ୍ୟରେ *(ପୃଷ୍ଠା ୭ରେ)*

ଥରାଇବ ଜାଡ, ୨୦ ଡିଗ୍ରୀ ତଳେ ୩୦ ସହର

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍ ବ୍ୟୁରୋ

ଗତ ୨ଦିନ ହେବ ପାରଦ ତଳମୁହାଁ ହୋଇଛି। ରାଜ୍ୟର ବିଭିନ୍ନ ସ୍ଥାନରେ ତାପମାତ୍ରା ୨ରୁ ୪ ଡିଗ୍ରୀ ହ୍ରାସ ପାଇଛି। ଶନିବାର ପାରଳାଖେମୁଣ୍ଡିରେ ସର୍ବାଧିକ ତାପମାତ୍ରା ୩୧.୮ ଡିଗ୍ରୀ ରେକର୍ଡ କରାଯାଇଥିବା ବେଳେ ରାଜ୍ୟର ପ୍ରାୟ ୩୦ ସ୍ଥାନରେ ପାରଦ ୨୦ ଡିଗ୍ରୀ ସେଲସିୟସରୁ କମ୍ ରେକର୍ଡ କରାଯାଇଛି। ଦାରିଙ୍ଗବାଡିରେ ସର୍ବନିମ୍ନ ତାପମାତ୍ରା ୧୨.୫ ଡିଗ୍ରୀ ସେଲସିୟସ ରହିଥିବାବେଳେ ଏହା ତଳକୁ ରାଉରକେଲାରେ ୧୨.୭ ଡିଗ୍ରୀ, ଝାରସୁଗୁଡ଼ାରେ ୧୩.୦ ଡିଗ୍ରୀ ଓ କେନ୍ଦୁଝରଗଡ଼ରେ ୧୪.୫ ଡିଗ୍ରୀ ସେଲସିୟସ ରହିଥିଲା। ତେବେ ଆସନ୍ତା ୫ଦିନ ମଧ୍ୟରେ ତାପମାତ୍ରା ଆହୁରି ୨ରୁ ୩ ଡିଗ୍ରୀ କମିପାରେ ଓ ୨୩ ତାରିଖ ପର୍ଯ୍ୟନ୍ତ ପାଗ ଶୁଖିଲା ରହିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ଏକାଳ ପଖାଳ

କେଲେଙ୍କାରୀ ଆଉ ଲୁଟ୍ କରିକି
ଜଗା ଜମି ଠାରେ ଆଖି
ଜବରଦଖଲ କିଣାବିକା ସବୁ
କରୁଥିଲେ ପୁରା ଫାଙ୍କି
ଏବେ ଭାଙ୍ଗିଯିବ ଡଙ୍କି
ସର୍କାର ରାଗିକି ପଞ୍ଚମରେ ଏବେ
ଧରିକିନା ଦେବେ ଚେଙ୍କି।

ଭାରତୀୟ ବିଶ୍ୱବିଦ୍ୟାଳୟରେ ୭୧% ନାମଲେଖାରୁ ବଞ୍ଚିତ

ହାଇଦ୍ରାବାଦ/ଭୁବନେଶ୍ୱର, ୧୭।୧୧ : ନ୍ୟୁଜ୍ ବ୍ୟୁରୋ

ଦେଶର ବିଶ୍ୱବିଦ୍ୟାଳୟଗୁଡ଼ିକରେ ମାତ୍ର ୨୯% ଛାତ୍ରୀଛାତ୍ର ନାମ ଲେଖାଇପାରୁଛନ୍ତି। ଅବଶିଷ୍ଟ ୭୧% ଛାତ୍ରୀଛାତ୍ର ଭାରତୀୟ ୟୁନିଭର୍ସିଟିରେ ପାଠପଢ଼ାର ସୁଯୋଗ ପାଉନାହାନ୍ତି ବୋଲି ନୀତି ଆୟୋଗ ସିଇଓ ବିଭିଆର ସୁବ୍ରମଣ୍ୟମ ସୂଚନା ଦେଇଛନ୍ତି। ହାଇଦ୍ରାବାଦସ୍ଥିତ ଇଣ୍ଡିଆନ ସ୍କୁଲ ଅଫ ବିଜିନେସ (ଆଇବିଏସ୍)ରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗଦେଇ ସୁବ୍ରମଣ୍ୟମ କହିଛନ୍ତି, ଗତ ଦଶନ୍ଧିରେ ଦେଶରେ ସପ୍ତାହକୁ ଗୋଟିଏ ବିଶ୍ୱବିଦ୍ୟାଳୟ ଓ ୨ଟି ଲେଖାଏଁ କଲେଜ ପ୍ରତିଷ୍ଠା କରାଯାଇଛି। ଏହାସତ୍ତ୍ୱେ ପିଲାଙ୍କ ଶିକ୍ଷା ଆବଶ୍ୟକତାକୁ ପୂରଣ କରାଯାଇପାରୁ ନାହିଁ। ଆଜି ଭାରତରେ ଥିବା ୧,୨୦୦ ବିଶ୍ୱବିଦ୍ୟାଳୟରେ ମାତ୍ର ୨୯% ଛାତ୍ରୀଛାତ୍ର ନାମ ଲେଖାଇପାରୁଛନ୍ତି। ଅନ୍ୟୂନ ୫୦% ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷାର ସୁଯୋଗ ଦେବାକୁ ହେଲେ ଭାରତରେ ୨,୫୦୦ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରାଯିବା ଆବଶ୍ୟକ। ଏହି ଅବସରରେ ସେ ଦେଶର ଡିଜିଟାଲ ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ଡିଜିଟାଲ ୱାଲର୍ଡରେ ଭାରତ ସବୁଠୁ ବଡ଼ ଲାବରେଟୋରୀ। ବର୍ତ୍ତମାନ ପ୍ରାୟ ୫୦% ବୈଶ୍ୱିକ ଆର୍ଥିକ କାରବାରର ପ୍ରକ୍ରିୟାକରଣ ଭାରତ କରୁଥିବା ସେ *(ପୃଷ୍ଠା ୭ରେ)*

ଓଡ଼ିଶାର ପାଟପୁର ଥାନା ଭାରତରେ ଶ୍ରେଷ୍ଠ

ନୂଆଦିଲ୍ଲୀ, ୧୭।୧୧

ପୁଣିଥରେ ଓଡ଼ିଶାର ଥାନାକୁ ମିଳିଛି ଦେଶରେ ଶ୍ରେଷ୍ଠ ପୁରସ୍କାର। ଗଞ୍ଜାମ ଜିଲାର ପାଟପୁର ଥାନାକୁ ୨୦୨୪ ପାଇଁ କେନ୍ଦ୍ର ଗୃହ ମନ୍ତ୍ରଣାଳୟ ଦ୍ୱାରା ଦେଶର ତିନୋଟି ସର୍ବୋତ୍ତମ ପୋଲିସ ଷ୍ଟେସନ ମଧ୍ୟରୁ ଗୋଟିଏ ଭାବରେ ମନୋନୀତ କରାଯାଇଛି।

ନଭେମ୍ବର ୨୯ ରୁ ଡିସେମ୍ବର ୧ ପର୍ଯ୍ୟନ୍ତ ଭୁବନେଶ୍ୱରରେ ଆୟୋଜିତ ହେବାକୁ ଥିବା ପୋଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହା ଏହି ଟ୍ରଫି ପୋଲିସ ଷ୍ଟେସନର ଇନ୍ସପେକ୍ଟରଙ୍କୁ ପ୍ରଦାନ କରିବେ। ଯୁଗ୍ମ ନିର୍ଦ୍ଦେଶକ ତଥା ସମ୍ମିଳନୀ ସଚିବ, ଏମଏଚଏର *(ପୃଷ୍ଠା ୭ରେ)*

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ନଭେମ୍ବର, ସୋମବାର, ୨୦୨୪

ଚାଷୀଙ୍କ ପାଇଁ ବରଦାନ ସାଜିଛି ଭାରତମାଳା ରାସ୍ତା

ରାଇଘର, ନ୍ୟୁଜ୍‌ବ୍ୟୁରୋ

ନିର୍ମାଣଧୀନ ଭାରତମାଳା ରାସ୍ତା ରାୟପୁରରୁ ବିଶାଖାପାଟଣାକୁ ସଂଯୋଗ କରୁଛି । ନବରଙ୍ଗପୁର ଜିଲ୍ଲାର ୧୨୪ କିଲୋମିଟର ରାସ୍ତାରୁ ପ୍ରାୟ ଶତକଡ଼ା ଅଶି ଭାଗ କାମ ସରିଗଲାଣି । କଳା ମଚମଚ ରାସ୍ତାର ଦୃଶ୍ୟ କିନ୍ତୁ ଟିକେ ରଙ୍ଗୀନ ହୋଇଯାଇଛି, ହଳଦିଆ ନାଲି ରଙ୍ଗରେ କିଛି ଅଲଗା ଦେଖାଯାଉଛି । ଚାଷୀଙ୍କ ପାଇଁ ବରଦାନ ସାଜିଛି । ଭାରତମାଳା ରାସ୍ତା, ମକା ଧାନ ଶୁଖାଇବାକୁ ସ୍ଥାନର ଅଭାବ ଥିବା ଯୋଗୁଁ ଚାଷୀ ଭାରତମାଳା ରାସ୍ତାକୁ ବିକଳ୍ପ ଭାବେ ମକା ଓ ଧାନ ଶୁଖାଇବାକୁ ବ୍ୟବହାର କରୁଛନ୍ତି । ଭାରତମାଳା ରାସ୍ତା ବ୍ୟବହାର ନ ହେବା ପର୍ଯ୍ୟନ୍ତ ଚାଷୀଙ୍କ ମକା ଓ ଧାନ ଶୁଖାଇବାରେ ସାହାଯ୍ୟ ହେବ । ନବରଙ୍ଗପୁର ଜିଲ୍ଲାରେ ୧୧୬ ହଜାର ହେକ୍ଟର ଜମିରେ ଧାନ ଓ ୬୫ ହଜାର ହେକ୍ଟର ଜମିରେ ମକା ଚାଷ ହୁଏ, ମକା ଓ ଧାନ ଉତ୍ପାଦନ ପରେ ଖରାରେ ଶୁଖାଇବାକୁ ପଡ଼େ, ଯାହା ଦ୍ୱାରା ସଂରକ୍ଷିତ କରି ରଖିବା ପାଇଁ ଏବଂ ଉଚିତ ମୂଲ୍ୟରେ ବିକ୍ରି କରିବା ପାଇଁ କିନ୍ତୁ ଖରାରେ ଶୁଖାଇବା ପାଇଁ ଜିଲ୍ଲାରେ ପ୍ରଯ୍ୟାପ୍ତ ପରିମାଣରେ ପିଣ୍ଡି ନାହିଁ । ଏଣୁ ଭାରତମାଳା ରାସ୍ତା ଚାଷୀଙ୍କ ଶୁଖାଇବା କାର୍ଯ୍ୟରେ ବ୍ୟବହାର ହେଉଛି, ରାସ୍ତା ନିର୍ମାଣାଧୀନ ଥିବା ଯୋଗୁଁ ଗାଡ଼ିମଟର କମ୍ ଯିବା ଆସିବା କରୁଛି । ପ୍ରଶସ୍ତ ରାସ୍ତାରେ ବହୁତ ଜାଗା ଅଛି । କଳା ପିଚୁ ଯୋଗୁଁ ମାଟି ତୁଳନାରେ ଅଧିକ ଗରମ ରହୁଛି ଚଟାଣ ଯାହା ଫଳରେ ମକା ଧାନ ମାତ୍ର ଦୁଇରୁ ତିନି ଦିନରେ ଶୁଖି ସଂରକ୍ଷଣ ଓ ବିକ୍ରି ପାଇଁ ପ୍ରସ୍ତୁତ ହୋଇଯାଉଛି । ମକା ଓ ଧାନ ଶୁଖାଇବା ପାଇଁ ପାରମ୍ପରିକ ପଦ୍ଧତିରେ ଖୋଳା ପ୍ରସ୍ତୁତ କରିବାକୁ ପଡ଼େ ଯାହା ବ୍ୟାୟସାପେକ୍ଷ, ସମୟ ଅଧିକ ଖର୍ଚ୍ଚ ହୁଏ । ମାଟି ଉପରେ ଖୋଳା ଥିବା ଯୋଗୁଁ ଧାନ ମକା ଶୁଖୁବା ପାଇଁ ଅଧିକ ଦିନ ସମୟ ଲାଗେ । କିନ୍ତୁ କଂକ୍ରିଟରେ ତିଆରି ଖୋଳାରେ ପରିବହନ ଖର୍ଚ୍ଚକୁ ବାଦ ଦେଲେ ଅନ୍ୟ କୌଣସି ଖର୍ଚ୍ଚ ନାହିଁ । କିନ୍ତୁ ଜିଲ୍ଲାରେ ପ୍ରତି ପଞ୍ଚାୟତରେ ପ୍ରଶାସନ ତରଫରୁ ଗୋଟିଏ ଲେଖାଏଁ ପିଣ୍ଡି ରହିଛି ଯାହାକି ପର୍ଯ୍ୟାପ୍ତ ନୁହେଁ । ଏଣୁ ଚାଷୀ ଭାରତମାଳାକୁ ବିକଳ୍ପ ଭାବେ ବାଛିଛନ୍ତି, ଏହି ଠାରୁ ପରିବହନ ମଧ୍ୟ ସୁବିଧା ହେଉଛି, ରାସ୍ତାରେ ଶୁଖା ହେବା ପରେ ଗାଡ଼ି ସେହିଠାରେ ଲାଗୁଛି ଏବଂ ପରିବହନ ହେଉଛି ଯାହା ଫଳରେ ଚାଷୀଙ୍କୁ ଉଚିତ ମୂଲ୍ୟ ମିଳୁଛି । ଭାରତମାଳା ରାସ୍ତା ସମ୍ପୂର୍ଣ୍ଣ ହେବା ପରେ ଗାଡି ଚାଲିଲେ କିନ୍ତୁ ଚାଷୀ ଏହି ସୁବିଧା ଆଉ ପାଇବେ ନାହିଁ ।

'ଦିଶା' ବୈଠକରେ ସାଂସଦ-ବିଧାୟକ ବାକ୍ ବିତଣ୍ଡା

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ନୂଆ ସରକାର ଗଠନ ପରେ ପ୍ରଥମ (ଦିଶା) ଜିଲ୍ଲା ଉନ୍ନୟନ ସମନ୍ୱୟ ଓ ପର୍ଯ୍ୟାଲୋଚନା କମିଟି ବୈଠକ ସୁବର୍ଣ୍ଣପୁର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସୁବର୍ଣ୍ଣପୁର ବୈଠକର ଦିଶାର ସେକ୍ରେଟାରୀ ଜିଲ୍ଲାପାଳ ଅନ୍ୟା ଦାସ ପ୍ରଥମେ ସୂଚନା ପ୍ରଦାନ କରିଥିଲେ । ବୈଠକରେ ବିଧାୟକ ନିରଞ୍ଜନ ପୂଜାରୀ, ରଘୁନାଥ ଜଗଦଲା ଏବଂ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଏମ୍‌ପି ସଙ୍ଗୀତା ସିଂଦେଓ ବକ୍ତବ୍ୟ ପ୍ରଦାନ କରିବା ପରେ ସମୀକ୍ଷା ବୈଠକ ଆରମ୍ଭ ହେବା କ୍ଷଣି ବିଧାୟକ ନିରଞ୍ଜନ ପୂଜାରୀ ଦିଶା ବୈଠକର ଗାଇଡ୍ ଲାଇନ ବିଷୟରେ ଅଡ଼ି ବସି ତଥ୍ୟ ରଖିବା ସହ ପ୍ରତି ୩ ମାସରେ ଥରେ ବୈଠକ କରିବାକୁ ଓ କମିଟି ସଭ୍ୟମାନଙ୍କୁ ଯଥେଷ୍ଟ ପୂର୍ବରୁ ସୂଚନା ମିଳୁ ନ ଥିବା କଥା ବିଧାୟକ କହିଥିଲେ । ଏଥିରେ ଏମ୍‌ପି ସିଂଦେଓ ଅଯଥା ସମୟ ନଷ୍ଟ ନ କରି ବିକାଶ ମୁଦ୍ଦାକୁ ଆସିବା ପାଇଁ କହିବାରୁ ଏମ୍‌ପି ଓ ବିଧାୟକଙ୍କ ମଧ୍ୟରେ ବେଶ ତୁ ତୁ ମେ ମେ ହେବା ସହ ଆକ୍ଷେପ ପ୍ରତ୍ୟାକ୍ଷେପ ହୋଇଥିଲା । ଏମ୍‌ପି ସିଂଦେଓ କହିଥିଲେ ବେକାର ରାଜନୀତି କଥା ନ କହି କେମିତି ସୋନପୁର ଜିଲ୍ଲାର ବିକାଶ ହେବ ବିଧାୟକ କୁହନ୍ତୁ । ଆଉ ୨୪ ବର୍ଷ ଶାସନରେ ସୋନପୁର ଜିଲ୍ଲାର କ'ଣ ବିକାଶ ହୋଇଛି ତାହା ସମସ୍ତେ ଜାଣନ୍ତି ବୋଲି କହିବା ସହ ଆଗରୁ ଗାଇଡ ଲାଇନ କୁଆଡେ ଥିଲା ବୋଲି କହିଥିଲେ । ପରେ ଏମ୍‌ପି ଓ ବିଧାୟକଙ୍କ ସମର୍ଥକମାନେ ଛିଡ଼ାହୋଇ ନିଜ ନିଜର ନେତାଙ୍କୁ ସମର୍ଥନ ଜଣାଇଥିଲେ । ପରେ ଜିଲ୍ଲା ପରିଷଦ ସିଡ଼ିଓ ଅଶ୍ୱିନୀ ମେହେର ଏଣୁ ଏଣିକି ଯଥେଷ୍ଟ ପୂର୍ବରୁ ବୈଠକ ବିଷୟରେ ସୂଚନା ଦିଆଯିବ ବୋଲି ବିଧାୟକଙ୍କୁ କହିଥିଲେ । ପ୍ରାୟ ୨୦/୨୫ ମିନିଟ ଏଭଳି ଚାଲିବା ପରେ ବୈଠକ ସ୍ୱାଭାବିକ ହୋଇଥିଲା । ବୀରମହାରାଜପୁର ବିଧାୟକ ରଘୁନାଥ ଜଗଦଲା ଧାନ ସଂଗ୍ରହ ପ୍ରକ୍ରିୟା, ବୀରମହାରାଜ-ପୁରରେ ହସ୍ପିଟାଲ ଷ୍ଟାଫ୍ କ୍ୱାର୍ଟର ତଥା ବିଭିନ୍ନ ସମସ୍ୟା ଉପସ୍ଥାପନ କରିଥିଲେ । ଜିଲ୍ଲାରେ ସ୍ୱାସ୍ଥ୍ୟ ବିଭାଗରେ ଡାକ୍ତର ସମସ୍ୟା ଲାଗି ରହିଥିବାରୁ ସମସ୍ତ ସଦସ୍ୟ ଅସନ୍ତୋଷ ପ୍ରକାଶ କରିଥିଲେ । ୱାର୍କ୍ସ ବିଭାଗକୁ ସମସ୍ତ କାମର ରୂପ ରେଖ ପ୍ରସ୍ତୁତ କଲା ବେଳେ ନିଜେ ନିଜେ ନ କରିବାକୁ ଏମ୍‌ପି ପରାମର୍ଶ ଦେବା ସହ ଜିଲ୍ଲା ପ୍ରଶାସନ ଛତୁଆ ସ୍କାମ୍‌ରେ ଲିପ୍ତ ଗୋଷ୍ଠୀଙ୍କୁ କାର୍ଯ୍ୟରୁ ଅନ୍ତର ନ କରି ଅନୁକମ୍ପା ପ୍ରଦର୍ଶନ କରୁଥିବା ଅଭିଯୋଗ ଆଣିଥିଲେ । ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ ଯୋଗାଣ, ରାଜସ୍ୱ ଏପରି ସମଗ୍ର ୨୨ ଟି ବିଭାଗର ସମୀକ୍ଷା ହୋଇଥିଲା । ଜିଲ୍ଲାରେ ବିଭିନ୍ନ ପ୍ରକାରର ଉନ୍ନୟନ କାମ ଠପ୍ ହୋଇଯାଇଥିବା ସଦସ୍ୟମାନେ ଅସନ୍ତୋଷ କରିଥିଲେ । ବୈଠକରେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ଏସ୍‌ପି ରାମପ୍ରସାଦ ସାହୁ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ କୁମାର ମେହେର, ସୋନପୁର ଉପଜିଲାପାଳ ଡ. ସୌମ୍ୟରୂପା ରଥ, ବୀରମହାରାଜପୁର ଉପଜିଲ୍ଲାପାଳ ଲଲାଟେନ୍ଦୁ ସି ତଥା ସମସ୍ତ ବିଭାଗୀୟ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ ।

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପରୀକ୍ଷାକେନ୍ଦ୍ର କୋଠା ଅଲୋଡ଼ା

ବ୍ରହ୍ମପୁର, ନ୍ୟୁଜ୍‌ବ୍ୟୁରୋ

ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ବହୁ ପୁରାତନ ଶିକ୍ଷାନୁଷ୍ଠାନ ହୋଇଥିବା ବେଳେ ଏଠାରେ ବିଭିନ୍ନ ପାଠ୍ୟକ୍ରମରେ ହଜାର ହଜାର ସଂଖ୍ୟାରେ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ବିଶ୍ୱବିଦ୍ୟାଳୟରେ ସ୍ଥାନଭାବ ଯୋଗୁଁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଏହାର ପ୍ରଭାବ ପଡୁଥିବା ଦେଖିବାକୁ ମିଳିଛି । ଏହାକୁ ଦୃଷ୍ଟିରେ ରଖି ବିଶ୍ୱବିଦ୍ୟାଳୟ ପକ୍ଷରୁ ଶିକ୍ଷାନୁଷ୍ଠାନ ପରିସରରେ ପ୍ରାୟ ୫ କୋଟି ଟଙ୍କା ବ୍ୟୟରେ ଏକ ଦୁଇ ମହଲା ବିଶିଷ୍ଟ ସ୍ୱତନ୍ତ୍ର ପରୀକ୍ଷା କେନ୍ଦ୍ର କୋଠା ନିର୍ମାଣ କରାଯାଇଥିଲା । ତଳ ମହଲାରେ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟାଳୟ ଏବଂ ଉପର ମହଲାରେ ପରୀକ୍ଷା କେନ୍ଦ୍ରର ବ୍ୟବସ୍ଥା ରହିଛି । ଉକ୍ତ କେନ୍ଦ୍ରରେ ପ୍ରାୟ ୫୦୦ ଛାତ୍ରଛାତ୍ରୀ ଏକକାଳୀନ ପରୀକ୍ଷା ଦେବାର ବ୍ୟବସ୍ଥା ରହିଛି । କିନ୍ତୁ ଦୀର୍ଘ ୪ ବର୍ଷରୁ ଅଧିକ କାଳ ହେବ ପରୀକ୍ଷା କେନ୍ଦ୍ର କୋଠା ଅବ୍ୟବହୃତ ହୋଇ ଶିକ୍ଷାନୁଷ୍ଠାନ ନିମନ୍ତେ ଅଲୋଡ଼ା ପଡ଼ିଛି । କୋଠା ନିର୍ମାଣ ଦିନଠାରୁ ସେଠାରେ ଗୋଟିଏ ମଧ୍ୟ ପରୀକ୍ଷା ଆୟୋଜନ ହୋଇନଥିବା ବେଳେ ବର୍ତମାନ ସୁଦ୍ଧା ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟାଳୟ ଉକ୍ତ କୋଠାକୁ ସ୍ଥାନାନ୍ତର ମଧ୍ୟ କରାଯାଉନାହିଁ । ଏନେଇ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଶାନ୍ତିସୁଦ୍ଧା ପାତ୍ର ପରୀକ୍ଷା ନିୟନ୍ତ୍ରକଙ୍କୁ ନିର୍ଦ୍ଦେଶ ଦେଇଥିବା ସତ୍ତ୍ୱେ ତାହା ବର୍ତ୍ତମାନ ସୁଦ୍ଧା କାର୍ଯ୍ୟକାରୀ ହୋଇନଥିବା ସେ କହିଛନ୍ତି । ଅନ୍ୟପକ୍ଷରେ ଉକ୍ତ ନିର୍ଦ୍ଦେଶନାମା କାର୍ଯ୍ୟକାରୀ ନ ହୋଇ କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣ ହୋଇଥିବା କୋଠା ଏବଂ ସେଥିରେ ଲାଗିଥିବା ବିଭିନ୍ନ ସାମଗ୍ରୀ ବ୍ୟବହାର ନହୋଇ ନଷ୍ଟ ହେବାରେ ଲାଗିଛି। ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର ପରୀକ୍ଷା ନିୟନ୍ତ୍ରକ ଡା. ମନୋଜ ପଟ୍ଟନାୟକଙ୍କ କହିବା ମୁତାବକ ପରୀକ୍ଷା କେନ୍ଦ୍ର କୋଠାରେ ଆବଶ୍ୟକ ମୁତାବକ ଭିତ୍ତିଭୂମି ଅଭାବ ରହିଥିବାରୁ ଉକ୍ତ କୋଠାକୁ ପରୀକ୍ଷା ନିୟନ୍ତ୍ରଣ କାର୍ଯ୍ୟାଳୟ ଭାବେ ବ୍ୟବହାର କରିବାରେ ସମସ୍ୟା ରହିଛି । କୋଠାରେ ସମସ୍ତ ଭିତ୍ତିଭୂମିର ବ୍ୟବସ୍ଥା ପରେ କାର୍ଯ୍ୟାଳୟରେ ସମସ୍ତ ଆସବାବପତ୍ରକୁ ସ୍ଥାନାନ୍ତରିତ କରାଯିବ । ଅପରପକ୍ଷରେ ଉକ୍ତ ପରୀକ୍ଷା କେନ୍ଦ୍ର କୋଠା କାର୍ଯ୍ୟକ୍ଷମ ହୋଇନଥିବାରୁ ବିଭିନ୍ନ ସମୟରେ ତାହା ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧାସୃଷ୍ଟି କରୁଛି । ବିଶ୍ୱବିଦ୍ୟାଳୟରେ ଉଭୟ ପରୀକ୍ଷା ଓ ଅଧ୍ୟୟନ ପାଇଁ ବହୁ ପ୍ରକୋଷ୍ଠର ଆବଶ୍ୟକତା ରହିଛି । ସ୍ୱତନ୍ତ୍ର ପରୀକ୍ଷା କେନ୍ଦ୍ର କୋଠାକୁ ବ୍ୟବହାର କରାଗଲେ ଏହି ସମସ୍ୟାର ସ୍ଥାୟୀ ସମାଧାନ ହୋଇପାରନ୍ତା । ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି ।

ହୋଇପାରୁନି ବିଦ୍ୟୁତ୍ ସଂଯୋଗ ପାଣି ପାଇଁ ଚାଷୀ ହନ୍ତସନ୍ତ

କେନ୍ଦ୍ରାପଡ଼ା,, ନ୍ୟୁଜ୍‌ବ୍ୟୁରୋ

କେନ୍ଦ୍ରାପଡ଼ା ନିର୍ବାଚନ ମଣ୍ଡଳୀ ଅଧିନ ଚଉଦକୁଲାଟର ଚନ୍ଦନପୁର ଗ୍ରାମର ଚାଷୀମାନେ ଚାଷପାଇଁ ପାଣି ନପାଇ ବିଧାୟକଙ୍କ ସମେତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ବାତ୍ୟା ଦାନା ହେବାର ଏତେ ଦିନ ପରେ ମଧ୍ୟ ସଂପୃକ୍ତ ଅଞ୍ଚଳରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ତାର ସଜଡ଼ାଯାଇ ନଥିବାରୁ ବିଲରେ ପାଣି ମଡ଼ାଯାଇ ପାରୁ ନାହିଁ । ବାତ୍ୟା ଦାନା ପ୍ରଭାବରେ ବିଲରେ ଥିବା ବିଦ୍ୟୁତ୍ ଖୁଣ୍ଟଗୁଡ଼ିକ ଭାଙ୍ଗିଯିବା ଓ ତା'ର ଛିଣ୍ଡିଯିବା ଫଳରେ କର୍ମଚାରୀମାନେ ଲାଇନ୍ କାଟି ଦେଇଥିଲେ । ତେବେ ଦୀର୍ଘଦିନ ପରେ ମଧ୍ୟ ନୂଆ ଖୁଣ୍ଟ ବସାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନ ଥିବାରୁ ବୋରୱେଲରୁ ପାଣି ଟାଣିବା ସମ୍ଭବ ହେଉନାହିଁ । ଜିଲ୍ଲାପାଳ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଦ୍ୟୁତ୍ ସଂଯୋଗ ଦେବାକୁ ଗ୍ରାମର ଅଭିରାମ ସେଠୀ, କ୍ଷୀରୋଦ ବେହେରା, ମାନସ ବେହେରା ପ୍ରମୁଖ ଦାବି କରିଛନ୍ତି ।

ସୋନପୁରରେ ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି

ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ

ବହୁ ପ୍ରତୀକ୍ଷିତ ସୋନପୁରର ନୂତନ ବସ୍‌ଷ୍ଟାଣ୍ଡ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଦାବି ହେଉଛି । ଗତବର୍ଷ ଅଗଷ୍ଟ ୨୩ ତାରିଖରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡ଼ିଓ କନଫରେନ୍ସ ମାଧ୍ୟମରେ ସୋନପୁରରେ ଅତ୍ୟାଧୁନିକ ବସଷ୍ଟାଣ୍ଡ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ନୂତନ ବସଷ୍ଟାଣ୍ଡରେ ସମସ୍ତ ପ୍ରକାର ସୁବିଧା ଉପଲବ୍ଧ ହୋଇଥାନ୍ତା ହେଲେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ସମସ୍ତ ଆନୁସଙ୍ଗିକ ବ୍ୟବସ୍ଥା ହୋଇସାରିଥିଲା ବେଳେ କାମ କାହିଁକି ଆରମ୍ଭ ହେଉନାହିଁ ଏହା ସମସ୍ତଙ୍କୁ ଚକିତ କରିଛି। ରାଜ୍ୟର ବିଭିନ୍ନ ସଦର ମହକୁମା ତଥା ସୁବର୍ଣ୍ଣପୁର ଜିଲ୍ଲାର ପ୍ରାୟ ବସ୍‌ଷ୍ଟାଣ୍ଡ ନିର୍ମାଣ ହୋଇ ଯାତ୍ରୀମାନଙ୍କ ବ୍ୟବହାର ହେଲାଣି । କିନ୍ତୁ ଦ୍ୱିତୀୟ ବାରାଣାସୀ କୁହାଯାଉଥିବାର ସୋନପୁର ସହରରେ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟରମ୍ଭ ହୋଇ ପାରୁନାହିଁ । ଏହାର ବିଳମ୍ବିତ ନେଇ ଯାତ୍ରୀ ଓ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି । ଖରା ଓ ବର୍ଷା ଦିନରେ ଖୋଲା ଆକାଶରେ ଯାତ୍ରୀ ହନ୍ତସନ୍ତ ହେଉଛନ୍ତି । ଅନେକ ଅସୁବିଧାର ସାମ୍ନା କରୁଛନ୍ତି ଯାତ୍ରୀ ଓ ପର୍ଯ୍ୟଟକ । ଶୈବ, ଶାକ୍ତ, ବିଷ୍ଣୁ ସହ ମହିମା ଧର୍ମ ମହା ମିଳନସ୍ଥଳୀ ସୁବର୍ଣ୍ଣପୁର ଜିଲ୍ଲାଙ୍କୁ ବହୁ ପର୍ଯ୍ୟଟକ ସହ ପ୍ରତ୍ୟହ ହଜାର ହଜାର ଯାତ୍ରୀ ଆସୁଛନ୍ତି ହେଲେ ବସ୍‌କୁ ଅପେକ୍ଷା କରୁଥିବା ଯାତ୍ରୀଙ୍କ ପାଇଁ ବିଶ୍ରାମଗାରଟିଏ ନଥିବା ହେତୁ ଯାତା ଦୋକାନ ବାରଣ୍ଡା ବାହାରେ ହନ୍ତସନ୍ତ ହେଉଛନ୍ତି । ସଦର ମହକୁମାର ପୁରୁଣା ବସ୍‌ଷ୍ଟାଣ୍ଡର ଦୁରାବସ୍ଥା ଦେଖି କ୍ଷୋଭ ପ୍ରକାଶ ମଧ୍ୟ କରୁଛନ୍ତି । ଅନ୍ୟ ପକ୍ଷରେ ସୋନପୁର ସହର କେନ୍ଦ୍ର ସ୍ଥଳୀରେ ଉକ୍ତ ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ ହେବାପାଇଁ ଜମି ଅଧିଗ୍ରହଣ ହୋଇ ସେଠାରେ ଥିବା ଭୀମଭୋଇ କଳା ମଣ୍ଡପ, ପୁରୁଣା ଟାଉନ୍ ହଲ୍ ସହ କିଛି କିଓସ୍କର ଷ୍ଟଲ୍ ସବୁ ଭଙ୍ଗା ସରିଛି ଓ ବସ୍‌ଷ୍ଟାଣ୍ଡ ପାଇଁ ଫଣ୍ଟ ମଧ୍ୟ ରହିଛି । ହେଲେବି ଆରମ୍ଭ ପାଇଁ ଅସୁବିଧା ଯେ କେଉଁଠି ରହିଛି ଏହାର ଉତ୍ତର ମଧ୍ୟ କାହାପାଖରେ ନାହିଁ । ଏହିଠାରେ ହିଁ ଅତ୍ୟାଧୁନିକ ନୂତନ ବସ୍‌ଷ୍ଟାଣ୍ଡ ନେଇ ସହରବାସୀ ଉତ୍ସାହିତ ଓ ଆଶାବାଦୀ ଅଛନ୍ତି । ଏହି ନୂତନ ବସ୍‌ଷ୍ଟାଣ୍ଡ ପାଇଁ ୩.୩୪ ଏକର ଜମି ଓଡ଼ିଶା ରାଜ୍ୟ ସଡ଼କ ପରିବହନଙ୍କୁ ହସ୍ତାନ୍ତରିତ କରାଯାଇଛି । ତେବେ ନୂତନ ବସ୍‌ଷ୍ଟାଣ୍ଡ ନେଇ ଟାଉନ ହଲ, ଭୀମ ଭୋଇ କଳା ମଣ୍ଡପ, ବିଶ୍ରାମଗାର ଉଚ୍ଛେଦ ହୋଇଛି ତା' ସଙ୍ଗେ ସଙ୍ଗେ କେତେକ ଷ୍ଟଲ୍ ମାଲିକ ମଧ୍ୟ ନିଜ ପକ୍ଷରୁ ଷ୍ଟଲ୍ ଛାଡ଼ି ଦେଇ ଥିବାରୁ ଷ୍ଟଲ୍ ଭଙ୍ଗା ଯାଇଛି । ନୂତନ ବସ୍‌ଷ୍ଟାଣ୍ଡ ନେଇ ଟେଣ୍ଡର କାର୍ଯ୍ୟ ମଧ୍ୟ ସମ୍ପନ୍ନ ହୋଇଛି । ଏହି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ରାଜନୈତିକ ନେତୃବୃନ୍ଦ ଓ ଜିଲ୍ଲା ପ୍ରଶାସନ ଠୋସ୍ ପଦକ୍ଷେପ ନେବାକୁ ଦାବି ହେଉଛି । ପ୍ରକାଶ ଯୋଗ୍ୟ ଯେ ଏଠାରେ ହିଁ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ପୃଥକ ପୃଥକ ଭାବେ ପୌର ସଂସ୍ଥାର ସମସ୍ତ କାଉନସିଲର, ଜିଲ୍ଲା ବଣିକ ସଂଘ, ବେସରକାରୀ ବସ୍ ମାଲିକ ସଂଘ ଓ ବୁଦ୍ଧିଜୀବୀମାନେ ଜିଲ୍ଲାପାଳଙ୍କୁ ଭେଟି ସେମାନଙ୍କର ଦାବିପତ୍ର ଦେଇଛନ୍ତି । ତେବେ ମଧ୍ୟ ପ୍ରଶାସନିକ ସ୍ତରରେ କିଛିବି ପଦକ୍ଷେପ ନନେବା ଯୋଗୁଁ ଏବେ ଜନ୍ ଅସନ୍ତୋଷ ଦାନା ବାନ୍ଧୁଛି । ଆଗାମୀ ଏକମାସ ମଧ୍ୟରେ ଯଦି ନୂତନ ବସ୍‌ଷ୍ଟାଣ୍ଡ ନିର୍ମାଣ କାମ ଆରମ୍ଭ ନହୁଏ ତା'ହେଲେ ସରକାର ଏକ ବିରାଟ ଜନ ଆନ୍ଦୋଳନର ସାମ୍ନା କରିବେ ବୋଲି ବହୁ ସଚେତନ ବୁଦ୍ଧିଜୀବୀ ପ୍ରକାଶ କରିଛନ୍ତି ।

ତାରାତାରିଣୀ ମନ୍ଦିରରୁ ଚୋରି ଘଟଣାରେ ୬ ଗିରଫ

ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ

ଗଞ୍ଜାମ ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ତାରାତାରିଣୀଙ୍କ ମନ୍ଦିରରୁ ଚୋରି ଘଟଣାରେ ଦୁଇଜଣ ରାତ୍ରି ଜଗୁଆଳି ଓ ଚାରି ଜଣ ପୂଜକଙ୍କୁ ପୁରୁଷୋତ୍ତମପୁର ଥାନା ପୁଲିସ ଗିରିଫ କରଛ । ସେମାନଙ୍କ ଠାରୁ ୩୯ ହଜାର ଟଙ୍କା, ମୋବାଇଲ୍, ବାଇକ୍, କଟର ପ୍ରଭୃତି ଜବତ କରିଛି । ଆଉ ଯେଉଁମାନେ ଏଥିରେ ସଂପୃକ୍ତ ଥିବା ଜଣାପଡ଼ିବ ସେମାନଙ୍କୁ ମଧ୍ୟ ଗିରିଫ କରାଯିବ ବୋଲି ପୁଲିସ୍ ସୂଚନା ଦେଇଛି ।

ରେଳ ଲାଇନରେ ବ୍ୟାଙ୍କ କର୍ମଚାରୀଙ୍କ ଖଣ୍ଡ ବିଖଣ୍ଡିତ ମୃତଦେହ ଉଦ୍ଧାର

ଭଦ୍ରକ, ନ୍ୟୁଜ୍‌ବ୍ୟୁରୋ

ଭଦ୍ରକ କେନ୍ଦୁଆପଦା ରେଳ ଷ୍ଟେସନର ଆନନ୍ଦ ବଜାର କେବିନ ନିକଟସ୍ଥ ରେଳ ଲାଇନରୁ ଜଣେ ଯୁବକର ମୃତ ଦେହ ଉଦ୍ଧାର ହୋଇଛି । ପ୍ରାପ୍ତ ସୂଚନା ମୁତାବକ ଆନନ୍ଦ ବଜାର ଛକ ନିକଟରେ ସ୍ଥାନୀୟ ଦୋକାନୀ ଯାହା ଦେଖିଥିଲେ ରାତି ୩.୩୦ ମିନିଟରୁ ୪.୦୦ଟା ସମୟ ମଧ୍ୟରେ ମୃତ୍ୟୁବରଣ କରିଥିବା ଯୁବକଟି କାହା ସହିତ ଦୀର୍ଘ ସମୟ ଧରି ମୋବାଇଲ୍‌ରେ କଥା ହେଉଥିଲେ । କିଛି ସମୟ ପରେ ଦେଖିଲା ବେଳକୁ ଯେଉଁ ଜାଗାରେ ତାଙ୍କର ଓଲା ସ୍କୁଟରଟି ଥିଲା, ସେଠାରେ ସେ ନଥିଲେ । ଲୋକେ ଦେଖିଲା ବେଳକୁ ସେ ଟ୍ରେନରେ ସମ୍ପୂର୍ଣ୍

ଭୁବନେଶ୍ୱର : ଶିଶୁଦିବସ ପାଳନ ଅବସରରେ ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକ ଏକ ଶିଶୁ ସହ ଖୁସି ମନାଉଛନ୍ତି । (ଫଟୋ : ସମ୍ବାଦ କଳିକା)

ମାସେ ଭିତରେ ୨ ଶହରୁ ଊର୍ଦ୍ଧ୍ୱ ଚେନ୍ ଲୁଟେରା ଧରାପଡ଼ିଛନ୍ତି: ପିନାକ ମିଶ୍ର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜଧାନୀ ଭୁବନେଶ୍ୱରରେ ଦିନକୁ ଦିନ ହିଂସାର ମାତ୍ରା ବଢ଼ିବାରେ ଲାଗିଛି । ଚୋରି, ଠକେଇ, ଲୁଟ୍, ରାହାଜାନୀ ଆଦି ଘଟଣା ବଢ଼ିଚାଲିଛି । ସେହିପରି ଘରୋଇ କଳି ଓ ପାରିବାରିକ ହିଂସା ମଧ୍ୟ ସୀମା ଅତିକ୍ରମ କରିଛି । ବ୍ରାଉନ୍‌ସୁଗାର ବ୍ୟାପର, ମଦ-ଗଂଜେଇ କାରବାର ମଧ୍ୟ କିଛି କମ୍ ନୁହେଁ । ସନ୍ଧ୍ୟା ପରେ ଜଣେ ମହିଳା ଏକାକୀ ଚାଲିବା ମଧ୍ୟ ସୁରକ୍ଷିତ ମନେ କରୁନାହାନ୍ତି । ରାଜଧାନୀରେ ବାରମ୍ବାର ହେଉଥିବା ଚେନ୍ ଲୁଟ୍‌କୁ ନେଇ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ପ୍ରତିକ୍ରିୟା ରଖିଛନ୍ତି । ଶ୍ରୀ ମିଶ୍ର ଗଣମାଧ୍ୟମକୁ କହିଛନ୍ତି ଯେ, ଗତ

୧ ମାସ ଭିତରେ ୨ ଶହରୁ ଊର୍ଦ୍ଧ୍ୱ ଚେନ୍ ଲୁଟେରାଙ୍କୁ ଧରାଯାଇଛି । ତଥାପି ଗହଳି ସ୍ଥାନରେ ସେମାନେ ସକ୍ରିୟ ହେଉଛନ୍ତି । ଷ୍ଟ୍ରିଟ କ୍ରାଇମ୍ ରୋକିବାକୁ ସବୁବେଳେ ଆମର ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁଛି । ଏୟାରଫିଲଡ଼ ଥାନା ଲବଣଗିରିରେ ଘଟିଥିବା ଲୁଟ ଘଟଣାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି, ତାହା ଅତ୍ୟନ୍ତ ଦୁଃଖଦ ଓ ସମ୍ବେଦନଶୀଳ ଘଟଣା । ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ, ସେମାନଙ୍କୁ ଧରିବା ପାଇଁ ପୁଲିସ ପ୍ରତିଶ୍ରୁତିବଦ୍ଧ । ଗତ ୧ ମାସ ଭିତରେ ୨ ଶହରୁ ଊର୍ଦ୍ଧ୍ୱ ଚେନ୍ ଲୁଟେରାଙ୍କୁ ଧରାଯାଇଛି । ତଥାପି ଗହଳି ସ୍ଥାନରେ ସେମାନେ ସକ୍ରିୟ ହେଉଛନ୍ତି । ଷ୍ଟ୍ରିଟ କ୍ରାଇମ୍ ରୋକିବାକୁ ସବୁବେଳେ ଆମର ସ୍ୱତନ୍ତ୍ର ଡ୍ରାଇଭ୍ ଚାଲୁଛି ।

ସୂଚନାଯୋଗ୍ୟ ରାଜଧାନୀରେ ସୁନାଚେନ୍ ଲୁଟ୍ ନେଇ ଅନକ ସମୟରେ ଅଭିଯୋଗ ଆସୁଛି । ନିକଟରେ ଜଣେ ଏଭଳି ଅଗଟଣର ଶିକାର ହୋଇଥିଲେ । ଭୁବନେଶ୍ୱରରୁ ହରିରାଜପୁରସ୍ଥିତ ସୋମନାଥ ମନ୍ଦିର ଦର୍ଶନ ପାଇଁ ଯାଉଥିଲେ । ହଠାତ୍ କଳା ପଲସର ବାଇକରେ ଦୁଇ ଜଣ ଦୁର୍ବୃତ୍ତ ଆସି ସୁନା ଚେନ ଝାମ୍ପି ନେବା ପାଇଁ ଉଦ୍ୟମ କରିଥିଲେ । ମୋଟା ଚେନ ଥିବାରୁ ଚେନ ଛିଣ୍ଡି ନ ଥିଲା । ସେମାନେ ଚେନ ନେଇପାରି ନ ଥିଲେ । ସ୍ୱାମୀ ବାଇକ ଚଲାଉଥିବାବେଳେ ସ୍ତ୍ରୀ ୟୁ.ବିଷ୍ଣୁ ପାତ୍ର ପଛରେ ବସିଥିଲେ । ଲୁଟ ନ କରିପାରି ପୁନର୍ବାର ଲୁଟ ପାଇଁ ଲୁଟେରା ଗୋଡ଼ାଇ ଆକ୍ରମଣ କରିଥିଲେ । ଲୁଟରୁ ସୁନା ଚେନ୍ ସିନା ବଞ୍ଚିଗଲା ହେଲେ ଆକ୍ରମଣ ଯୋଗୁ ବିଷ୍ଣୁ ମୁଣ୍ଡରେ ଆଘାତ ପାଇଥିଲେ । ୩ ଦିନ ଧରି ଜୀବନ ସହିତ ସଂଗ୍ରାମ ପରେ ଗତ ଗରୁବାର ତାଙ୍କର ମୃତ୍ୟୁ ଘଟିଛି । ପୁଲିସ ଘଟଣାର ତଦନ୍ତ କରୁଛି ।

ଆଦିବାସୀଙ୍କ ସାମଗ୍ରୀକ ବିକାଶ ପାଇଁ
ନବୀନ ସରକାରଙ୍କ ବିକାଶମୂଳକ କାର୍ଯ୍ୟକୁ ବିଜେପି ସରକାର ଆଗେଇ ନିଅନ୍ତୁ: ବିଜେଡି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଭଗବାନ ବିର୍ସା ମୁଣ୍ଡାଙ୍କ ୧୫୦ତମ ଜୟନ୍ତୀ ଗତକାଲି ପାଳିତ ହୋଇଥିବା ବେଳେ ଶଙ୍ଖଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ମିଡିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ, ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏହି ମହାନ ଆଦିବାସୀ ଜନ ନେତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହିତ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ସରକାର ରାଜ୍ୟର ଆଦିବାସୀଙ୍କ ସାମଗ୍ରୀକ ବିକାଶ ପାଇଁ ସମର୍ପିତ ଥିଲା ବୋଲି କହିଥିଲେ । ଭଗବାନ ବିର୍ସା ମୁଣ୍ଡାଙ୍କ ନାମରେ ରାଉରକେଲା ଠାରେ ବିଶ୍ୱର ସର୍ବବୃହତ ହକି ଷ୍ଟାଡିୟମ ନିର୍ମାଣ ସହିତ ଆଦିବାସୀ ସମ୍ପ୍ରଦାୟର ପ୍ରିୟ ଖେଳ ହକିକୁ ସ୍ଥାନୀୟ ଠାରୁ ଆନ୍ତର୍ଜାତୀୟ ସ୍ତରରେ ପ୍ରୋତ୍ସାହନ ଦିଆଯାଇଥିଲା । ଶିକ୍ଷା କ୍ଷେତ୍ରରେ ଆଦିବାସୀ ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଥମିକ ସ୍ତରରୁ କଲେଜ ପର୍ଯ୍ୟନ୍ତ ସ୍ୱତବ ବ୍ୟବସ୍ଥା ସହିତ ଅନ୍ୱେଷା ଯୋଜନା ମାଧ୍ୟମରେ ସେମାନଙ୍କ ପାଇଁ ହଷ୍ଟେଲର

ବ୍ୟବସ୍ଥା କରାଯାଇଛି । ସାକ୍ଷରତା ପହଞ୍ଚି ନଥିବା ବଣ୍ଟା ଜନଜାତି ମାନଙ୍କର ଶିକ୍ଷାର ବିକାଶ ହୋଇ ସେମାନେ ମଧ୍ୟ ସଫଳତା ଆଡ଼କୁ ଅଗ୍ରସର ହୋଇଛନ୍ତି । ନିକଟରେ ବଣ୍ଟା ଜନଜାତି ସମ୍ପ୍ରଦାୟରୁ ଜଣେ ଝିଅ ଓଏଏସ ପାଇବା ଏଇ ସଫଳତାର ଏକ ଉଦାହରଣ ବୋଲି ଶ୍ରୀ ମିଶ୍ର କହିଥିଲେ । ସ୍ୱାସ୍ଥ୍ୟ କ୍ଷେତ୍ରରେ, ରାଜ୍ୟରେ ଅତି କମ୍‌ରେ ୮ଟି ନୂଆ ମେଡିକାଲ କଲେଜ ସ୍ଥାପନ ହୋଇଥିବା ବେଳେ, ୩ଟି ମେଡିକାଲ କଲେଜର ନାମ ଆଦିବାସୀ ବରପୁତ୍ର ମାନଙ୍କ ନାମରେ ନାମିତ କରାଯାଇଛି । ସେଗୁଡିକ ହେଲା, ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ, ସହିଦ ଲକ୍ଷଣ ନାୟକ ମେଡିକାଲ କଲେଜ ଓ ରେଣ୍ଡୋ ମାଝୀ ମେଡିକାଲ କଲେଜ । ସେହିପରି ଆଦିବାସୀ ମାନଙ୍କ ବିକାଶକୁ ଫୋକସ କରିବା ଲକ୍ଷ୍ୟରେ ଓ ଆଦିବାସୀଙ୍କ ପୁରାତନ ସଭ୍ୟତା ଓ ସଂସ୍କୃତିର ବିକାଶ ପାଇଁ ନବୀନଙ୍କ ଦ୍ୱାରା ରାଜ୍ୟର ୨୩ଟି ଜିଲ୍ଲାରେ ସ୍ପେସିଆଲ ଡେଭେଲପମେଣ୍ଟ କାଉନସିଲ ଗଠନ କରାଯାଇଥିଲା । ଅପରପକ୍ଷରେ, ରାଜ୍ୟର ଆଦିବାସୀ ସମ୍ପ୍ରଦାୟର ସମସ୍ୟାର ସମାଧାନ ପାଇଁ ନବୀନ ପଟ୍ଟନାୟକ ଜାତୀୟ ସ୍ତରରେ ସ୍ୱର ଉତ୍ତୋଳନ କରିଥିଲେ । ଆଦିବାସୀମାନଙ୍କ କଥିତ ଭାଷା ଯଥା, ମୁଣ୍ଡାରୀ, ହୋ, ସଉରା, ଭୂମିଜ ଓ କୁଇ ଇତ୍ୟାଦିକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ରଖିଥିଲେ । ତେଣୁ ରାଜ୍ୟର ବିଜେପି ସରକାର ଯଦି ପ୍ରକୃତରେ ରାଜ୍ୟର ଆଦିବାସୀ ମାନଙ୍କ ବିକାଶ ଚାହୁଁଛନ୍ତି, ନବୀନଙ୍କ ସମୟରେ ନିଆଯାଇଥିବା ଲୋକାଭିମୁଖୀ ପଦକ୍ଷେପ ଗୁଡିକୁ ମଧ୍ୟ ଆଗକୁ ନେବାର ଆବଶ୍ୟକ ରହିଛି ବୋଲି ସେ କହିଥିଲେ ।

କୋଣାର୍କରେ ୨୪ଦେଶର ରାଷ୍ଟ୍ରଦୂତ : ମନ୍ଦିରର କାରୁକାର୍ଯ୍ୟ ଦେଖି ହେଲେ ଆଶ୍ଚର୍ଯ୍ୟ

କୋଣାର୍କ, ନ୍ୟୁଜ ବ୍ୟୁରୋ

କଡା ସୁରକ୍ଷା ବଳୟରେ ଏସିଆନ ଓ ବିମଷ୍ଟିକ ଦେଶର ୨୪ଜଣ ରାଷ୍ଟ୍ରଦୂତ ବିଶ୍ୱ ଐତିହ୍ୟ କୋଣାର୍କ ସୂର୍ଯ୍ୟମନ୍ଦିର ପରିଦର୍ଶନରେ ଆସିଥିଲେ । ଏଠାରେ ପହଞ୍ଚିବା ପରେ ପ୍ରଥମେ ତାଙ୍କୁ ଆଇଓଏଫ ବ୍ୟାଖ୍ୟାନ କେନ୍ଦ୍ର ପରିସରରେ ସ୍ୱାଗତ କରାଯାଇଥିଲା । ପରେ ସେମାନେ ସୂର୍ଯ୍ୟମନ୍ଦିର ବୁଲିଥିଲେ । ପର୍ଯ୍ୟଟନ ବିଭାଗର ସ୍ୱୀକୃତି ପ୍ରାପ୍ତ ଗାଇଡ ସୂର୍ଯ୍ୟମନ୍ଦିରର ଐତିହାସିକ ତଥ୍ୟ ବୁଝାଇ ଦେଖାଇଥିଲେ । ମନ୍ଦିରର ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ଆଶ୍ଚର୍ଯ୍ୟ ଚକିତ ହୋଇପଡ଼ିଥିଲେ । ରାଷ୍ଟ୍ରଦୂତଙ୍କ ଏହି ଗସ୍ତ ସମୟରେ ଅତିରିକ୍ତ ଜିଲ୍ଲାପାଳ ନୀଳମାଧବ ଭୋଇ, ଅତିରିକ୍ତ ଏସପି ବିଷ୍ଣୁ ପ୍ରସାଦ ପତି, ନିମାପଡ଼ା

ଏସଡିପିଓ ପ୍ରଭାତ ମଲ୍ଲିକ, କୋଣାର୍କ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ଆକୃତି ଗୋଏଙ୍କା, କୋଣାର୍କ ଥାନା ଆଇଆଇସି ପୂର୍ଣ୍ଣଚନ୍ଦ୍ର ସେଠୀ, ପର୍ଯ୍ୟଟନ ଅଧିକାରୀ ଅମୀୟ କୁମାର ସେଠୀ ପ୍ରମୁଖ ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ ।

ବିଜେଡି ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଶଙ୍ଖ ଭବନ ଠାରେ ଆଜି କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଗହଣରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇ ଯାଇଛି । ବିଜୁ ଜନତା ଦଳର ସମନ୍ୱୟ କମିଟିର ଅଧ୍ୟକ୍ଷ ଶ୍ରୀ ଦେବୀ ପ୍ରସାଦ ମିଶ୍ର, ମୁଖପାତ୍ର ତଥା ମିଡ଼ିଆ ସଂଯୋଜକ ଡଃ ଲେନିନ ମହାନ୍ତି, ମିଡ଼ିଆ ସଂଯୋଜକ ଡଃ ପ୍ରିୟବ୍ରତ ମାଝୀ ଉପସ୍ଥିତ କାର୍ଯ୍ୟରତ ସାମ୍ବାଦିକ ମାନଙ୍କୁ ଜାତୀୟ ପ୍ରେସ୍ର ଦିବସର ଶୁଭେଚ୍ଛା ଜଣାଇବା ସହିତ କେକ କାଟି ଏହାକୁ ପାଳନ କରିଥିଲେ । ଏଥିରେ ବିଜୁ ଜନତା ଦଳର ମିଡ଼ିଆ ସେଲର ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ ।

ଜିଲ୍ଲାସ୍ତରୀୟ 'ଜାତୀୟ ପ୍ରେସ ଦିବସ- ୨୦୨୪' ଅନୁଷ୍ଠିତ
ଗଣମାଧ୍ୟମ ହେଉଛି ସମାଜର ଦର୍ପଣ : ପ୍ରତାପ ଷଡ଼ଙ୍ଗୀ

ବାଲେଶ୍ୱର, ନ୍ୟୁଜ

ସଭାବନା ସଭାଗୃହଠାରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ବାଲେଶ୍ୱର ସଦର ବିଧାୟକ ମାନସ ଦତ୍ତ, ଜିଲ୍ଲାପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ସୁଧାକର ନାୟକ ଏବଂ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରାଙ୍କ ଉପସ୍ଥିତିରେ ଜିଲ୍ଲାସ୍ତରୀୟ ପ୍ରେସ ଦିବସ-୨୦୨୪ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ "ଗଣମାଧ୍ୟମର ପରିବର୍ତ୍ତନଶୀଳ ସ୍ୱରୂପ" ଶୀର୍ଷକ ଉପରେ ଆଲୋଚନାଚକ୍ର ମଧ୍ୟ ଅନୁଷ୍ଠିତ ହୋଇଥିଲା । ବୈଠକ ପ୍ରାରମ୍ଭରେ ବାଲେଶ୍ୱର ଜିଲ୍ଲାରେ କାର୍ଯ୍ୟରତ ଦିବଙ୍ଗତ ସାମ୍ବାଦିକ ଓ ରାଜ୍ୟ ତଥା ଦେଶର ବିଭିନ୍ନ ଭାଗରେ ପ୍ରାଣ ହରାଇଥିବା କର୍ତ୍ତବ୍ୟରତ ସାମ୍ବାଦିକଙ୍କ ଉଦ୍ଦେଶ୍ୟରେ ଏକ ମିନିଟର ନୀରବ ପ୍ରାର୍ଥନା କରାଯାଇଥିଲା । ଜିଲ୍ଲା ସୂଚନା ଓ ଲୋକମ୍ପର୍କ ଅଧିକାରୀ ଐଶ୍ୱର୍ଯ୍ୟା ସାମନ୍ତ ଅତିଥି ପରିଚୟ ଓ ମଞ୍ଚ ପରିଚାଳନା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ ସ୍ୱାଗତ ଭାଷଣ

ପ୍ରଦାନ କରିଥିଲେ । ସାଂସଦ ଶ୍ରୀ ଷଡ଼ଙ୍ଗୀ ନିଜ ଅଭିଭାଷଣରେ କହିଥିଲେ କି ଗଣମାଧ୍ୟମ ହେଉଛି ସମାଜର ଦର୍ପଣ ଓ ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ବିଧାୟକ ଶ୍ରୀ ଦତ୍ତ କହିଥିଲେ କି ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର । ଏଥି ପାଇଁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କାର୍ଯ୍ୟ କରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତି ପାଇଁ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ । ବାତ୍ୟା ଦାନା ସମୟରେ ନିରବଚ୍ଛିନ୍ନ ଖବର ପ୍ରସାରଣ ଓ ସଠିକ ତଥ୍ୟ ଜନସାଧାରଣଙ୍କ ପାଖରେ ପହଞ୍ଚାଇବା ପାଇଁ ଆଗେଇ ଆସିଥିବା ଜିଲ୍ଲାର ସାମ୍ବାଦିକମାନଙ୍କର ଅକ୍ଳାନ୍ତ ପରିଶ୍ରମ ଓ ଉତ୍ସର୍ଗୀକୃତ ସେବା ପାଇଁ ମାନ୍ୟବର ବିଧାୟକ ତାଙ୍କୁ ସାଧୁବାଦ ଜଣାଇଥିଲେ । ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାରେ ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ସବୁବେଳେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଆସିଥିବା ଜିଲ୍ଲାପରିଷଦ ଅଧ୍ୟକ୍ଷ ଶ୍ରୀ ପ୍ରଧାନ ପ୍ରକାଶ କରିଥିଲେ । ଗଣମାଧ୍ୟମ ଜାଗ୍ରତ ପ୍ରହରୀ ଭାବେ କାର୍ଯ୍ୟକରି ପ୍ରଶାସନକୁ ନିଜ ଦାୟିତ୍ୱ ନିର୍ବାହ ଲାଗି ଯେଭଳି ସଚେତନ କରାଇଥାଏ ତାହାର ସେ ଉଚ୍ଚ ପ୍ରଶଂସା କରିଥିଲେ । ମୁଖ୍ୟ ବକ୍ତା ଭାବେ ଫକୀର ମୋହନ ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ଯୋଗ ଦେଇ ଉକ୍ତ ବର୍ଷର ବିଷୟବସ୍ତୁ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ବିଷୟରେ ଆଲୋଚନା କରି ସମ୍ପ୍ରତି ନୂତନ ଡିଜିଟାଲ/ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରିଥିଲେ । ଏହି ସମାରୋହରେ ମଞ୍ଚାସୀନ ଅତିଥିଙ୍କ ଦ୍ୱାରା ଫଟୋ ସାମ୍ବାଦିକ ରମଣୀ ରଞ୍ଜନ ଦାସ (ପ୍ରମେୟ) ଏବଂ କ୍ୟାମେରାମ୍ୟାନ ଭବାନୀ ଶଙ୍କର ବେହେରା (ନନ୍ଦିଘୋଷ ଟିଭି) ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ଅବସରରେ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ତଥା ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଏଥିରେ ସକ୍ରିୟ ସହଯୋଗ କରିଥିଲେ ।

ବାରିପଦାରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ
ଗଣମାଧ୍ୟମ ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ : ଜିଲ୍ଲାପାଳ

ବାରିପଦା, ନ୍ୟୁଜ ବ୍ୟୁରୋ

ମୟୂରଭଞ୍ଜ ଜିଲ୍ଲାପାଳଙ୍କ ସଭାବନା ସଭାଗୃହ ଠାରେ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ମହା ଆଡମ୍ବର ସହକାରେ ପାଳିତ ହୋଇଛି । ସମାରୋହରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ଭାରତୀ ହାଁସଦା, ମୁଖ ଅତିଥି ଏବଂ ଅତିରିକ୍ତ ଜିଲ୍ଲାପାଳ ଦୌଲତ ଚନ୍ଦ୍ରକାର ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉପସ୍ଥିତ ସମସ୍ତ ଗଣମାଧ୍ୟମ ପ୍ରତିନିଧିଙ୍କୁ ସମ୍ବର୍ଦ୍ଧିତ କରିବା ସହ କହିଥିଲେ ଯେ ଗଣମାଧ୍ୟମ ହେଉଛି ସମାଜର ଦର୍ପଣ, ସମାଜରେ ଘଟୁଥିବା ପ୍ରତ୍ୟେକ ନୀତି-ଅନୀତି, ଉନ୍ନତି-ଅବନତି ଏବଂ ବିଭିନ୍ନ ବିଷୟ ଉପରେ ଦେଖାଯାଉଥିବା ମତ ଓ ଭିନ୍ନମତକୁ ଲୋକଲୋଚନକୁ ଆଣିବା ହେଉଛି ଗଣମାଧ୍ୟମର ଦାୟିତ୍ୱ । ଏହି ଦାୟିତ୍ୱକୁ ଯେଉଁ ଗଣମାଧ୍ୟମ ସଠିକ୍ ଭାବେ ତୁଲାଇ ଜନସମାଜର ବିକାଶ ସହିତ ଏକ ସକାରାତ୍ମକ ପରିବେଶ ସୃଷ୍ଟି କରିବାରେ ସହାୟକ ହୁଅନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ । ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅନ୍ୟତମ ବିଶିଷ୍ଟ ଅତିଥି ଭାବେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଶାନ୍ତନୁ କୁମାର ନାୟକ ଏବଂ ଅତିରିକ୍ତ ଆରକ୍ଷୀ ଅଧିକ୍ଷିକା ସବିତା ମାଝୀ ଓ ବରିଷ୍ଠ

ସାମ୍ବାଦିକ କଲ୍ୟାଣ କୁମାର ସିହ୍ନା ଯୋଗ ଦେଇ ଏହି ଜାତୀୟ ଦିବସକୁ ସାଫଲ୍ୟ ମଣ୍ଡିତ କରାଇଥିଲେ । ପ୍ରକାଶ ଥାଉକି, ଚଳିତ ବର୍ଷ ପାଇଁ ପ୍ରେସ କାଉନ୍ସିଲ ଅଫ ଇଣ୍ଡିଆ ପକ୍ଷରୁ 'ଗଣମାଧ୍ୟମର ପରିବର୍ତ୍ତିତ ସ୍ୱରୂପ' ବିଷୟବସ୍ତୁ ସ୍ଥିରୀକୃତ ହୋଇଥିଲା । ଏଣୁ ସାମ୍ପ୍ରତିକ ନୂତନ ଡିଜିଟାଲ/ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ଯୁଗରେ ବିଭିନ୍ନ ଡିଜିଟାଲ ଉପକରଣର ବ୍ୟବହାର କରି ସୂଚନାକୁ ଯଥାଶୀଘ୍ର ଲୋକଙ୍କୁ ପରିବେଷଣ କରିବା ସହ ସାମ୍ବାଦିକତାର ବିକାଶ ଉପରେ ଆଲୋକପାତ କରେ ବିଭିନ୍ନ ପରିବର୍ତ୍ତନ ଗୁଡିକ ସତ୍ତ୍ୱେ ଗଣତନ୍ତ୍ରର ଜାଗ୍ରତ ପ୍ରହରୀ ହୋଇ ସଠିକ ତଥ୍ୟ ଲୋକଲୋଚନକୁ ଆଣିବା ସହ ଜନସାଧାରଣଙ୍କ ଆଗରେ ସତ୍ୟତା ପ୍ରତିପାଦନ କରିବା ହେଉଛି ସାମ୍ବାଦିକତାର ମୂଳମନ୍ତ୍ର, ତେଣୁ ସମସ୍ତ ଗଣମାଧ୍ୟମ ପ୍ରତିନିଧି ସାମ୍ବାଦିକତାର ମୂଳମନ୍ତ୍ରକୁ ପାଥେୟ କରି କର୍ତ୍ତ୍ୟକରିବା ସହ ଜିଲ୍ଲାର ସର୍ବାଙ୍ଗୀନ ଉନ୍ନତ ପାଇ ପ୍ରଶାସନ ସହିତ ସମନ୍ୱୟ ରଖି କାର୍ଯ୍ୟ କରିବା ଉଭୟଙ୍କ ପାଇଁ ନିହାତି ଜରୁରୀ ବୋଲି ଏହି ପାଠ୍ୟ ଚକ୍ରରେ ଆଲୋଚନା କରାଯାଇଥିଲା । କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ଶ୍ରୀ ନାୟକ କହିଥିଲେଯେ ସମ୍ବାଦିକତା ମାଧ୍ୟମରେ ଏକ ସୁସ୍ଥ ଗଣତନ୍ତ୍ର ପାଇଁ ସମ୍ପ୍ରଦାୟକୁ ସଂଯୋଗ କରିବା ସହ ସମାଜକୁ ଅବଗତ କରାଇବାରେ ଗଣମାଧ୍ୟମ ପରତିନିଧିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ, ତେଣୁ ସମୟର ତାଳ ସହ ତାଳ ମିଶାଇ ନିଜକୁ ଶିକ୍ଷିତ ଏବଂ ଉନ୍ନତ କରିବା ଆବଶ୍ୟକ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଉପ ବିଭାଗ ଆନୁକୁଲ୍ୟରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତର ଗଣମାଧ୍ୟମ ପ୍ରତିନିଧି ମାନେ ଏହି କାର୍ଯ୍ୟକ୍

ପକ୍ଷାନ୍ତରୀୟ
30 YEARS
ସମ୍ବାଦ କାଳିକା

ଦ୍ରୁତଗତିରେ ବଢୁଛି ଅର୍ଥନୈତିକ ଅଭିବୃଦ୍ଧି

ଦେଶର ଅର୍ଥନୈତିକ ଅଭିବୃଦ୍ଧି ଦ୍ରୁତଗତିରେ ଆଗକୁ ବଢୁଛି । ଏଥିସହିତ ମୁଦ୍ରା ନୀତିରେ ସ୍ଥିରତା କାରଣରୁ ଋଣ ଅଭିବୃଦ୍ଧି ଅଧିକ ରହିଛି । ଏଥିଯୋଗୁ ଭାରତରେ ଧନୀ ଲୋକଙ୍କ କ୍ରୟଶକ୍ତି ମଧ୍ୟ ବଢୁଛି । ଏସବୁ କାରଣରୁ ଭାରତରେ ଧନୀ ବ୍ୟକ୍ତିଙ୍କ ସଂଖ୍ୟା ମଧ୍ୟ ବଢ଼ିବାରେ ଲାଗିଛି । ବର୍ଷକୁ ୧୦ ହଜାର ଡଲାର (୮,୨୮,୭୨୩ ଟଙ୍କା) ରୋଜଗାର କରୁଥିବା ଗ୍ରାହକଙ୍କ ସଂଖ୍ୟା ୨୦୧୫ ମସିହାରେ ୨୪ ନିୟୁତ ଥିଲା କିନ୍ତୁ ସଂପ୍ରତି ଏମାନଙ୍କ ସଂଖ୍ୟା ୬୦ ନିୟୁତରେ ପହଞ୍ଚିଛି । ଅର୍ଥାତ୍ ଦେଶର ମୋଟ ଜନସଂଖ୍ୟାରେ ଏମାନଙ୍କ ସଂଖ୍ୟା ୪.୧ ପ୍ରତିଶତ ବୋଲି ଶୁକ୍ରବାର ଗୋଲଡମ୍ୟାନ୍ ସାଚ୍‌ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି । ଭାରତ ଏବେ ବିଶ୍ୱର ପଞ୍ଚମ ବୃହତ ଅର୍ଥନୀତି ରହିଛି । ଆସନ୍ତା ୨୦୨୭ ସୁଦ୍ଧା ବାର୍ଷିକ ୧୦ ହଜାର ଡଲାର ମୁଣ୍ଡପିଛା ଆୟ ଥିବା ବ୍ୟକ୍ତିଙ୍କ ସଂଖ୍ୟା ୧୦ କୋଟିରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ୨୦୨୭ ସୁଦ୍ଧା ଭାରତ ବିଶ୍ୱର ତୃତୀୟ ବୃହତ ଅର୍ଥନୀତିରେ ପରିଣତ ହେବ ବୋଲି ଆଇଏମ୍‌ଏଫ ପକ୍ଷରୁ ଆକଳନ କରାଯାଇଛି । ଭାରତରେ ମଧ୍ୟମ ଆୟବର୍ଗର ଲୋକଙ୍କ କ୍ରୟଶକ୍ତି ବଢୁଛି ।

ଫଳରେ ଗହଣା, ସ୍ୱାସ୍ଥ୍ୟସେବା, ବାହାରେ ଖାଇବା ଆଦି ଖର୍ଚ୍ଚ ବଢ଼ିଛି । ଭାରତରେ ଆର୍ଥିକ ଓ ଭୌତିକ ସଂପତ୍ତି ଗୁଡ଼ିକର ମୂଲ୍ୟ ବୃଦ୍ଧି ପାଉଥିବାରୁ ଲୋକଙ୍କ ସଂପତ୍ତି ବଢ଼ିବାରେ ଲାଗିଛି । ଜମି ଏବଂ ସୁନାକୁ ଯଦିଓ ସଂପତ୍ତି ସାଇତି ରଖିବାର ପ୍ରମୁଖ ମାଧ୍ୟମ ଭାବେ ବିବେଚନା କରାଯାଉଛି ତଥାପି ଭାରତୀୟମାନେ ସେମାନଙ୍କ ସଞ୍ଚୟ ଓ ନିବେଶ ଅଭ୍ୟାସରେ ପରିବର୍ତ୍ତନ ଆଣିଛନ୍ତି । ନିବେଶକମାନେ ସିଧାସଳଖ କିମ୍ବା ମ୍ୟୁଚୁଆଲ ଫଣ୍ଡ ଜରିଆରେ ଇକ୍ୱିଟିରେ ନିବେଶ କରୁଛନ୍ତି ବୋଲି ଗୋଲ୍ଡମ୍ୟାନ୍ ସାଚ୍‌ସ ପକ୍ଷରୁ କୁହାଯାଇଛି କିନ୍ତୁ ଭାରତକୁ ସାମଗ୍ରିକ ଭାବେ ଦେଖିଲେ ଭାରତୀୟଙ୍କ ମୁଣ୍ଡପିଛା ଆୟ ୩ ହଜାର ଡଲାରରୁ କମ୍ ରହିଛି । ବଡ଼ ଧନୀ ଏବଂ ମଧ୍ୟ ଆୟବର୍ଗର ଲୋକମାନଙ୍କ ମଧ୍ୟରେ ବ୍ୟୟ କ୍ଷମତାରେ ପାର୍ଥକ୍ୟ ଏକ ବଡ଼ ଚିନ୍ତାର ବିଷୟ ବୋଲି କୁହାଯାଇଛି । ଭାରତରେ ୯୬ କୋଟିରୁ ଅଧିକ ଡେବିଟ କାର୍ଡ ଲୋକଙ୍କୁ ପ୍ରଦାନ କରାଯାଇଛି । ସେହିଭଳି ୯.୩ କୋଟି ଲୋକଙ୍କ ପାଖରେ ପୋଷ୍ଟପେଡ ମୋବାଇଲ ସଂଯୋଗ ରହିଛି । ଏହା ସତ୍ତ୍ୱେ କେବଳ ୩ କୋଟି ଭାରତୀୟ ଗାଡ଼ି କିଣିବାକୁ ସକ୍ଷମ ବୋଲି ରିପୋର୍ଟରେ କୁହାଯାଇଛି ।

ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

ସତ୍ୟ ଭାଗବତ

ପ୍ରଥମ ଅଧ୍ୟାୟ

ଓଁ

'ଲକ୍ଷ୍ମୀ, ପଦ୍ମାଳୟା, ପଦ୍ମା, କମଳା, ଶ୍ରୀ ହରପ୍ରିୟା ଇନ୍ଦିରା, ଲୋକ ମାତା, ମା' କ୍ଷୀରବ୍‌ଧୀ ତନୟା ରମା ।'

ଶ୍ରୀ ଅଭିରାମ ସରସ୍ୱତୀ

ଦ୍ୱାପର ଯୁଗରେ ପ୍ରଭୁ
କି ମନ୍ତ୍ର ଧରିଲେ
ଦ୍ୱାପରର ଲୀଳାମାନ
ଭକତ ଦେଖିଲେ (୧୪୮)

ମନ୍ତ୍ର ଯନ୍ତ୍ର ତନ୍ତ୍ରମାନ
ତିନି ଯୁଗେ ହେଲା
କଳିରେ ଦେଖ ମାନବ
ଭିନ୍ନ ରୂପ ନେଲା (୧୪୯)

ହିନ୍ଦୁ, ଖ୍ରୀଷ୍ଟ, ମୁସଲିମ୍
କିଛି ଜାତି ନାହିଁ
ଭିନ୍ନା ଭିନ୍ନ କରୁଅଛି
ପ୍ରକୃତିଟି ତହିଁ (୧୫୦)

ଭାଗବତ ପଢି ଥୋକେ
ଭଗବାନ ହେଲେ
ରାମାୟଣ ପଢି ଥୋକେ
ରାମ ରାମ ହେଲେ (୧୫୧)

ବେଦକୁ ପଢିଣ ଥୋକେ
ବ୍ରାହ୍ମଣ ହୋଇଲେ
ଗୀତାକୁ ପଢିଣ ଥୋକେ
ତ୍ୟାଗ ଶିକ୍ଷା ଦେଲେ
(୧୫୨)

କୋରାନ୍‌କୁ ପଢି ଥୋକେ
ନିର୍ବିକାର ହେଲେ
ବାଇବେଲ୍ ପଢି ଥୋକେ
ସେବା କାର୍ଯ୍ୟ କଲେ
(୧୫୩)

ଆସୁଛି ଯାଉଛି ଜୀବ
ତତ୍ତ୍ୱ ନ ବୁଝିଲେ
ଭଜନକୁ ଛାଡି ଜୀବ
ଭାବ ନ ବୁଝିଲେ (୧୫୪)

ବାଉଳା ହୋଇଲେ
ଭକ୍ତ ଭଗବାନ ତତ୍ତ୍ୱ
କେହି ନପାଇଲେ (୧୫୫)

ଚାରି ଯୁଗ ପାଠ ଏକ
କଳିରେ ପୁରିଛି
ଏକ ଜଗନ୍ନାଥ ନାମ
ପାପୀକୁ ତାରୁଛି (୧୫୬)

ଏକାକ୍ଷର ଏକ ପଦ
ଓଁ କାରୁ କ୍ଷରୁଛି
ଭାବ ଜାଣି ସେବା କଲେ
ଉଦ୍ଧାର ହେଉଛି (୧୫୭)

ରକ୍ତ, ମାଂସ, ହାଡ, ଦେହ
ପୂଜା ପାଉଅଛି
କଳି ଯୁଗେ ଜଗନ୍ନାଥ
କାଠ ହୋଇଅଛି (୧୫୮)

କାହିଁ ପାଇଁ ଭଗବାନ
ଦାରୁ ପାଲଟିଲେ
କହି ପାରିବ ଭକତ
ପ୍ରଭୁ ସେବିଥିଲେ (୧୫୯)

ତିନି ଯୁଗେ ଯୋନିଜନ୍ମ
ପ୍ରଭୁ, ହୋଇଥିଲେ
ତନ୍ତ୍ର ମନ୍ତ୍ର ଯନ୍ତ୍ର ତତ୍ତ୍ୱେ
ଶରୀରେ ଖେଳିଲେ
(୧୬୦)

ତେଣୁ କରି ଶୂନ୍ୟତତ୍ତ୍ୱ
କଳିରେ ହୋଇଛି
ନିର୍ବିକାର ଭାବମାନ
ଗୁପତେ ଖେଳୁଛି (୧୬୧)

(କ୍ରମଶଃ)

ସାଧବପୁଅର ଦରିଆପାରି ନୌବାଣିଜ୍ୟ : ମୂକସାକ୍ଷୀ କେନ୍ଦ୍ରାପଡ଼ା

ଡକ୍ଟର ସର୍ବେଶ୍ୱର ସେଣ
ସା/ପୋ: ପୁରୁଷୋତ୍ତମପୁର
କେନ୍ଦ୍ରାପଡ଼ା - ୭୫୪୨୧୩
ମୋ: ୯୪୩୭୦୮୮୦୩୯

କେନ୍ଦ୍ରାପଡ଼ା । ଫିରିଙ୍ଗି ଅମଳ (୧୮୫୯)ରେ ସବ୍‌ଡିଭିଜନ । ଥିଲା ଅବିଭକ୍ତ କଟକ ଜିଲ୍ଲାରେ । ଅଧୁନା ସ୍ୱତନ୍ତ୍ର ଜିଲ୍ଲା (୧୯୯୩ ଏପ୍ରିଲ ୪ ତାରିଖରୁ) । ଏହାର ଉତ୍ତରରେ ଯାଜପୁର, ଭଦ୍ରକ ଜିଲ୍ଲା । ଦକ୍ଷିଣରେ ଜଗତ୍‌ସିଂହପୁର, ପଶ୍ଚିମରେ କଟକ ଆଉ ଯାଜପୁର । ପୂର୍ବରେ ବଙ୍ଗୋପସାଗର । ଉତ୍ତର ପୂର୍ବରେ ତାଳୁଆ । ଏଠାରୁ ଦକ୍ଷିଣ ପୂର୍ବରେ ମହାନଦୀ ଯାଏ ସୁଦୀର୍ଘ ବେଳାଭୂମି । ବିସ୍ତୀର୍ଣ୍ଣ, ୪୮ କି.ମି. । କେନ୍ଦ୍ରାପଡ଼ା ରାଜଧାନୀ ଭୁବନେଶ୍ୱରରୁ ୮୫ କି.ମି. । କଟକ ଚାନ୍ଦବାଲି ରାଜ୍ୟ ରାଜପଥ ୯ (କ) ଅଥବା ଜାତୀୟ ରାଜପଥ ୫ । ଚଣ୍ଡୀଖୋଲ ଯିବାକୁ ପଡ଼େ । ସେଇ ରାସ୍ତାରେ ଦୁହୁରିଆ ଛକ । ଓହ୍ଲାଇ ପୁନଶ୍ଚ କଟକ-ଚାନ୍ଦବାଲି ରାସ୍ତାରେ । ଅଳ୍ପ ଦୂର ଗଲେ କେନ୍ଦ୍ରାପଡ଼ା । ଭୁବନେଶ୍ୱରରୁ ମାତ୍ର ୨ ଘ. ୩୦ ମିନିଟ୍ ବସ୍ ଯାତ୍ରା । କେନ୍ଦ୍ରାପଡ଼ାର ନିକଟସ୍ଥ ରେଲୱେ ଷ୍ଟେସନ୍ କଟକ - ଦୂରତା ୫୫ କି.ମି. । ସହରରେ ରହଣି ପାଇଁ ଛୋଟବଡ଼ ଲଜିଂ । ଖାଇବା ପାଇଁ ହୋଟେଲ ସୁବିଧା ମିଳେ । କେନ୍ଦ୍ରାପଡ଼ାରୁ ଜାତୀୟ ଉଦ୍ୟାନ 'ଭିତରକନିକା' । ବାଟରେ ପଟାମୁଣ୍ଡାଇ, ମାତ୍ର ୨୦ କି.ମି. ଦୂର । ସେଠାରେ ମଧ୍ୟ ରହିବା, ଖାଇବାର ସୁବିଧା ଉପଲବ୍ଧ । ଜଗନ୍ନାଥଙ୍କ ଅଗ୍ରଜ ସିଦ୍ଧ ବଳଦେବ । ବିଜେ ଇଚ୍ଛାପୁର ଠାରେ । ଏଇଟି ଅନ୍ୟତମ ବିଶ୍ୱ ପ୍ରସିଦ୍ଧ ଧର୍ମୀୟ ପର୍ଯ୍ୟଟନ କ୍ଷେତ୍ର । ଏତଦ୍‌ଭିନ୍ନ ଜାତୀୟ ଉଦ୍ୟାନ ଭିତରକନିକା, ଡାଙ୍ଗମାଳର ବଉଳା କୁମ୍ଭୀର ପ୍ରଜନନ କେନ୍ଦ୍ର । ଏଥି ପାଇଁ ମଧ୍ୟ କେନ୍ଦ୍ରାପଡ଼ା ପୃଥିବୀରେ ଜଣାଶୁଣା । ତତ୍ ସହିତ ହୁକିଟୋଲା, ବତୀଘର । ଏହା ଗରିମାମୟ ନୌବାଣିଜ୍ୟର ସ୍ମାରକୀ । ବହୁ ଦୃଷ୍ଟିରୁ କେନ୍ଦ୍ରାପଡ଼ାର ଐତିହ୍ୟ ବିଶ୍ୱବିଦିତ । କଳା ଭାସ୍କର୍ଯ୍ୟପୂର୍ଣ୍ଣ ବୌଦ୍ଧବିହାର, ମନ୍ଦିର, ମସ୍‌ଜିଦ, ଗୀର୍ଜା, କାରୁକାର୍ଯ୍ୟମୟ ଅନେକ ଅଟ୍ଟାଳିକା । ଏ ସବୁ କେନ୍ଦ୍ରାପଡ଼ାର ସ୍ପର୍ଶନୀୟ ଐତିହ୍ୟ । ଓଷା, ବ୍ରତ, ନାନାଦି ଉତ୍ସବ, ମେଳା, ମହୋତ୍ସବ । ତତ୍ ସହିତ ବଳଦେବଜୀଉଙ୍କ ରଥଯାତ୍ରା । ଏହା ଅନନ୍ୟ । ପ୍ରଭୁଙ୍କର ରଥ ତାଳଧ୍ୱଜ । ଏହା ସର୍ବୋଚ୍ଚ । କନ୍ଦରାରି ହଳାୟୁଧଙ୍କ ଘୋଷଯାତ୍ରା । ଏହା ଶ୍ରୀକ୍ଷେତ୍ର ଠାରୁ କେତେକ ପରିମାଣରେ ଭିନ୍ନ । ଅନୁରୂପ ଭାବେ ସମୃଦ୍ଧଶାଳୀ ଅତୀତ ନୌବାଣିଜ୍ୟ, ମୂକସାକ୍ଷୀ କେନ୍ଦ୍ରାପଡ଼ା । କେତେକ ଦେବଦେବୀ, ଫଲ୍‌ସପଏଣ୍ଟ, ବତୀଘର, ହୁକିଟୋଲା - ଅତୀତ ନୌବାଣିଜ୍ୟର ଏଗୁଡ଼ିକ ପ୍ରମାଣଯୋଗ୍ୟ ନିଦର୍ଶନ ।

ଅତୀତ ଆଜି ବିସ୍ମୃତି ଗର୍ଭରେ । କାଳର କୁଟିଳ ଚାହାଁଣୀ । କବଳିତ ଗରିମାମୟ ନୌବାଣିଜ୍ୟ । ସେଦିନ ନ ଥିଲା ଯନ୍ତ୍ର ଚାଳିତ ଜାହାଜ । ନ ଥିଲା ଆଧୁନିକ ଜ୍ଞାନବିଜ୍ଞାନ କୌଶଳ । ଥିଲେ ଦୁର୍ଦ୍ଧର୍ଷ ସାଧବ ପୁଏ । ସେମାନଙ୍କର ଅଝାଲ ଟଣା ବୋଇତ । ଆସେ କାର୍ତ୍ତିକ ପୁନେଇଁ । ସାଧବମାନଙ୍କର ବାଣିଜ୍ୟ ବ୍ୟବସାୟର ଅୟମାରମ୍ଭ । ଚାଲି ଯାଉଥିଲେ ଜାଭା, ବୋର୍ଣ୍ଣିଓ, ସୁମାତ୍ରା, ବାଲିଦ୍ୱୀପ, ସିଂହଳ, ଏପରିକି ସୁଦୂର ରୋମ୍ ଯାଏ । ବୋଇତ ମଙ୍ଗରେ ମା' ମଙ୍ଗଳା । ସେଇ ହିଁ ସାହା ଭରସା । ସାଧବ ପୁଅଙ୍କର ନୌବାଣିଜ୍ୟ ସମ୍ପର୍କିତ କୃତି, କୀର୍ତ୍ତି । ଏସବୁ ପ୍ରାଞ୍ଜଳ ଭାବେ ବର୍ଣ୍ଣିତ ତଅପୋଇ ଓଷାକଥା, ଖୁଲଣାସୁନ୍ଦରୀ, ନିଶା ମଙ୍ଗଳବାର ଓଷାକଥା ଇତ୍ୟାଦିରେ । ଏଗୁଡ଼ିକ ପୌରାଣିକ ଆଖ୍ୟାନ । ଏଥିରୁ ବହୁ ଐତିହାସି ତଥ୍ୟ ମିଳେ । ମାତ୍ର ଏ ଜାତିର ଦୁର୍ଭାଗ୍ୟ । ଠିକ୍ ସମୟରେ ଇତିହାସ ଲେଖା ଯାଇନି । ଚାଣକ୍ୟଙ୍କ ଅର୍ଥଶାସ୍ତ୍ର, ପରିବ୍ରାଜକଙ୍କ କାହାଣୀ, ଭୂଗୋଳବିତ୍‌ଙ୍କ ତଥ୍ୟ - ଏହାକୁ ନେଇ ଅତୀତ ନୌବାଣିଜ୍ୟ ଇତିହାସ । ଉତ୍କଳର ନୌବାଣିଜ୍ୟ ବହୁ ପ୍ରାଚୀନ । ଖ୍ରୀ.ପୂ. ୩ୟ ଶତାବ୍ଦୀ । ସେବେ ଥିଲା ଉତ୍କଳର ଐଶ୍ୱର୍ଯ୍ୟମୟୀ ନୌବାଣିଜ୍ୟ । ଏବେ କର୍ପୂର ଯାଇଛି, କନା ବି । ରହିଛି କେବଳ ସ୍ମୃତିରୁ ଖିଏ । ସେଇ ବିଭବମୟୀ ଅତୀତର ସାକ୍ଷୀ କେନ୍ଦ୍ରାପଡ଼ା ।

ପ୍ରାଚୀନ ଉତ୍କଳର ଗରିମାମୟ ନୌବାଣିଜ୍ୟ । ସାକ୍ଷୀ କେନ୍ଦ୍ରାପଡ଼ା । ପଞ୍ଚମୁକା କନିକାର ଛତ୍ରପଦ - ନରେନ୍ଦ୍ରପୁର । ଏଠାରେ ସ୍ଥାପିତ 'ଲଙ୍କେଶ୍ୱରୀଙ୍କ ମୁଗୁନି ମୂର୍ତ୍ତି' । ମୂର୍ତ୍ତି ସ୍ଥାପନ ସମ୍ପର୍କରେ ତଥ୍ୟଟିଏ । ତାହା ମିଳେ 'ଖୁଲଣା ସୁନ୍ଦରୀ' ଓଷାକଥାରୁ । ଧନେଶ୍ୱର ନାମକ ସାଧବ । ବୋଇତ ନେଇ ଯାଏ ବାଣିଜ୍ୟକୁ । ଶ୍ରୀଲଙ୍କାରେ ବନ୍ଦୀ ହୁଏ । ଧନେଶ୍ୱର ପୁତ୍ର ଶ୍ରୀଧର । ବୋଇତରେ ଗଲା । ମା' ମଙ୍ଗଳାଙ୍କ କୃପା । ବାପାକୁ ମୁକୁଳେଇଲା । ସିଂହଳ ରାଜକନ୍ୟାଙ୍କ ପାଣିଗ୍ରହଣ କଲା । ବହୁ ଧନରତ୍ନ ସହିତ 'ଲଙ୍କେଶ୍ୱରୀ'ଙ୍କ ମୁଗୁନି ମୂର୍ତ୍ତି । ଏସବୁ ସାଥିରେ ଆଣିଲା । ସେଇ ମୂର୍ତ୍ତିଟି ହିଁ କନିକାରେ ସ୍ଥାପିତ । କେନ୍ଦ୍ରାପଡ଼ା ଗୋଟିଏ ଉପକୂଳବର୍ତ୍ତୀ ଜିଲ୍ଲା । ବହୁ ନଦୀ ଏଥିରେ ପ୍ରବାହିତ । ତନ୍ମଧ୍ୟରୁ ଅନେକ ସୁନାବ୍ୟା । ଏକଦା ପଟାମୁଣ୍ଡାଇ ଥିଲା ଏକ ପ୍ରସିଦ୍ଧ ନଦୀବନ୍ଦର । ଆନ୍ତର୍ଜାତିକ ବନ୍ଦର ଫଲ୍‌ସ ପଏଣ୍ଟ । ନଦୀଦ୍ୱାରା ପଟାମୁଣ୍ଡାଇ ବନ୍ଦର ଏଥି ସହ ସଂଯୋଜିତ । ନଦୀକୂଳର ଗଙ୍ଗାରାମପୁର ଗାଁ । ଗାଁରେ ଅନେକ ମାଝୀ, ତରାଇ ସମ୍ପ୍ରଦାୟର ବାସିନ୍ଦା । ଘରେ ଘରେ ତୁଳସୀ ଚଉଁରା । ସମ୍ମୁଖରେ ବୋଇତ ମଙ୍ଗ ସ୍ଥାପିତ । ନିତି ପ୍ରତି ମଙ୍ଗଳା ରୂପେ ଆରାଧିତା । ସଞ୍ଜ ସଳିତା ଦିଆଯାଏ । ଉକ୍ତ ସମ୍ପ୍ରଦାୟଗୁଡ଼ିକର ମୁଖ୍ୟ ବେଉଷା ନୌବାଣିଜ୍ୟ । ଅତୀତର ସାଧବମାନେ, ଯାଉଥିଲେ ବୋଇତ ନେଇ । ନଦୀକୂଳରେ ନା' ଭିଡ଼ାଯାଏ । ସ୍ଥାନେ ସ୍ଥାନେ ବୋଇତ ଅଟକିଯାଏ । ବୋଇତ ମଙ୍ଗରେ ଥାନ୍ତି ମା' ମଙ୍ଗଳା । ତାଙ୍କୁ ସେଠାରେ ସ୍ଥାପନ କରାଯାଏ । ଏମିତି ଏକ ଦେବୀ ଦରିଆ ରାମଚଣ୍ଡୀ । ମାର୍ଶାଘାଇ ବ୍ଲକ୍‌ର ରାମନଗର । ସେଇଠି ମା'ଙ୍କର ବିଜେ । ସମୁଦ୍ର ଘୁଞ୍ଚି ଘୁଞ୍ଚି ଗଲା । ଏବେ ମା'ଙ୍କ ପୀଠ ଠାରୁ ୮ କି.ମି. ଦୂରରେ । ସାଧବ ପୁଅମାନେ, ମା'ଙ୍କ ପାଖରେ ମାନସିକ କରନ୍ତି । ଯାତ୍ରା ଶୁଭ ହୁଏ । ଏଇ ବିଶ୍ୱାସଟି ଏବେବି ଉଜ୍ଜୀବିତ ।

'ଅଲେଖ ନାହାକାଣୀ' ଏକ ଦେବୀମନ୍ଦିର । ହଂସୁଆ, ସାନବ୍ରାହ୍ମଣୀ, ମିଶିଛି ବଙ୍ଗୋପସାଗରରେ । ସ୍ଥାନଟିର ନାଁ ତେରମୁହାଁ । କିଛି ଦୂରରେ ଡିଆ ବା ଦୀପଟିଏ । ସେଇଠି ଅଲେଖ ନାହାକାଣୀଙ୍କର ବିଜେ । ମା' ଚତୁର୍ଦ୍ଧା ମୂର୍ତ୍ତି । ତିନିହାତରେ ଶଙ୍ଖ, ଚକ୍ର, ଗଦା । ପହଁରୁଥିବା ଏକ ମଇଁଷି । ତା'ରି ଉପରେ ମା'ଙ୍କ ଉପବେଶନ । ଚତୁର୍ଥ ହାତରେ ମଇଁଷି ଲାଞ୍ଜ ଧରିଛନ୍ତି । ଏହା ପଛରେ ଜନଶ୍ରୁତିଟିଏ । ଜନୈକ ସୌଦାଗର, ତା' ବୋଇତ ଡିଆରେ ଲାଗିଲା । ବୋଇତ ମଙ୍ଗରେ 'ଅଲେଖ ନାହାକାଣୀ' । ମା'ଙ୍କୁ ଉଦ୍ଧାର କରାଗଲା । ସ୍ଥାପିତ ହେଲେ ସେଇ ଡିଆରେ ।

ରାଜକନିକାରେ ଦେବୀ କାଳୀକାଇଙ୍କ ଆବିର୍ଭାବ । କାଳିଜାଇଙ୍କ ମନ୍ଦିର ଚିଲିକା ହ୍ରଦରେ । ତାଙ୍କ ସମ୍ପର୍କରେଏକ ରୋଚକ କାହାଣୀ । ଜନଶ୍ରୁତି ବି । ଗଙ୍ଗାଧର ସୌଦାଗର, ଚିଲିକା ପୀଠରୁ ଫେରିଲେ ବୋଇତରେ । ମା' ପ୍ରସନ୍ନ । ସୌଦାଗର ସାଥିରେ ଚାଲିଆସିଲେ । ନାଆ ଲାଗିଲା । ମା'ଙ୍କୁ ସେଇଠି ସ୍ଥାପନ କରାଗଲା । ସେଇ ଗାଁ ନାଁ ଗଙ୍ଗାଧରପୁର । ସ୍ଥାନଟି କାଳିକାପୁର । ମା' କାଳିଜାଇଙ୍କ ସାନ ଭଉଣୀ ସଦୃଶ । ବୋଇତ ମଙ୍ଗରେ ବାଳିକା ରୂପେ ତାଙ୍କର ଉପବେଶନ । ସାଥିରେ ଆସିଲେ । ହଠାତ୍ ପଥର ହୋଇଗଲେ । ସେଇଠାରେ ରହିଲେ । ଗଙ୍ଗାଧରଙ୍କ ନାଁରେ ଗାଁ ଆଉ ପୀଠଟି ଠାକୁରାଣୀଙ୍କ ନାମରେ ନାମିତ । ସେଇପରି ଗଞ୍ଜା ନୃସିଂହ ନାଥ । ରାଜକନିକାର ଅନତି ଦୂର । ଗାଁଟି ନାମ ଗଞ୍ଜା । ଏଠାକାର ଅଧିବାସୀ । ସେମାନଙ୍କ ମଧ୍ୟରେ ମହ୍ଲ ବା ମଲ୍ଲ ସମ୍ପ୍ରଦାୟ ସଂଖ୍ୟାଗରିଷ୍ଠ । ଏମାନେ କନିକା ରାଜାଙ୍କ ଛାମୁଆ ବାହିନୀ । ସେବେକା ପର୍ତ୍ତୁଗୀଜ, ଆରକାନ୍ ଜଳଦସ୍ୟୁ । ଏମାନେ ଦୁର୍ଦ୍ଦାନ୍ତ । ବୋଇତ ଲୁଟୁଥିଲେ । ସେମାନଙ୍କ କବଳରୁ ସାଧବମାନଙ୍କୁ ରକ୍ଷାକରିବା - ଏ ଦାୟିତ୍ୱ ମଲ୍ଲମାନଙ୍କର । ଏଇ ଗାଁରେ ନୃସିଂହ ନାଥ ମଠ । ନାଗା ସନ୍ନ୍ୟାସୀଙ୍କ ଦ୍ୱାରା ସ୍ଥାପିତ । ସାଧବମାନେ ଏଠାରେ ମଧ୍ୟ ପୂଜାର୍ଚ୍ଚନା କରନ୍ତି ।

ପଟାମୁଣ୍ଡାଇର 'ବୋଇତାଳ' ପାଟ । ଏମିତି କେନ୍ଦ୍ରାପଡ଼ା ଜିଲ୍ଲାରେ ଅନେକ ଗଭୀର, ଅଗଭୀର ପାଟ । ବୋଇତମାନ ଚାଲେ । ପୂର୍ବେ ନଦୀଗୁଡ଼ିକରେ ବନ୍ଧ ନ ଥିଲା । ବନ୍ୟା ହେଲେ ଜଳର ପ୍ଲାବନ । ପାଟଗୁଡ଼ିକ ବି ଜଳପୂର୍ଣ୍ଣ । ବୋଇତଗୁଡ଼ିକର ଏହାରି ମଧ୍ୟରେ ଯିବାଆସିବା । 'ବୋଇତାଳ' ପାଟରେ ନୌକାଟିଏ ଅଟକିଗଲା । ସୌଦାଗର ଚନ୍ଦ୍ରମଉଳିଙ୍କୁ ମନାସିଲେ । କୃତଜ୍ଞତା ସ୍ୱରୂପ ମନ୍ଦିରଟିଏ ତୋଳିଦେଲେ । ପୂଜା ପାଇଲେ ଚନ୍ଦ୍ରମଉଳି । କ୍ରମେ ମନ୍ଦିରଟି ଜୀର୍ଣ୍ଣଶୀର୍ଣ୍ଣ । ୧୮୦୬ ମସିହା । ପଟାମୁଣ୍ଡାଇର ଉତ୍ତିକଣ ପ୍ରଗଣା । ମାଲିକ ବଂଗବାସୀ ଦିଗମ୍ବର ମିତ୍ର । ଚନ୍ଦ୍ରମଉଳିଙ୍କ ପ୍ରସିଦ୍ଧିରେ ମୁଗ୍ଧ ଦିଗମ୍ବର । ତାଙ୍କ ମ୍ୟାନେଜର ନାଏବ ଯୋଗେନ୍ଦ୍ର ନାଥ । ତୋଳିଦେଲେ ପ୍ରଭୁଙ୍କ ନୂତନ ମନ୍ଦିରଟିଏ (୧୮୮୫) ।

କନିକାର ଧାମରା ମୁହାଣ, ଏହା ଉତ୍କଳ ବହିଃବାଣିଜ୍ୟର ପ୍ରବେଶ ପଥ । ମା' ଧାମରାଇ ମୁହାଣରେ ପ୍ରତିଷ୍ଠିତା । ଦେବୀ ମଙ୍ଗଳାଙ୍କ ଅଂଶସ୍ୱରୂପା । ସାଧବପୁଅର ବୋଇତ ଯାତ୍ରା । ମୁହାଣରେ ପ୍ରଖର ସ୍ରୋତ । ଏକମାତ୍ର ସାହା ମା' ଧାମରାଇ । ଧାମରାର ମୁହାଣ ଏକ ବିପଜ୍ଜନକ ସ୍ଥାନ । ଅନେକ ଦୁର୍ଘଟଣା । ଅତୀତ ଧୀବର ପଲ୍ଲୀ ଧାମରା । ଏହାର ଅଧିଷ୍ଠାତ୍ରୀ 'ଧାମରାଇ' । ସେଇ ମା'ଏ ସବୁର ସାକ୍ଷୀ । ମା'ଙ୍କ ପଛରେ ଜନଶ୍ରୁତିଟିଏ । ପୁତ୍ର ଶ୍ରୀଧର, ପିତା ଧନେଶ୍ୱର । ଫେରିଲେ ସିଂହଳରୁ । ସାଥିରେ 'ଲଙ୍କେଶ୍ୱରୀ'ଙ୍କ ମୂର୍ତ୍ତି । ବ୍ରାହ୍ମଣୀ ନଦୀରୁ ପ୍ରାପ୍ତ ପଥର ମୂର୍ତ୍ତିଟିଏ । ପ୍ରତିଷ୍ଠା କଲେ ଧାମରାରେ (୭ମ/ ୮ମ ଶତାବ୍ଦୀ) । ପଟ୍ଟାମୁଣ୍ଡାଇ ଗୋଟିଏ ନଦୀବନ୍ଦର । ଏହାର ସଂଯୋଗକାରିଣୀ ବ୍ରାହ୍ମଣୀ ନଦୀ । ଗୋବରୀ ନଦୀ ଏହାର ଏକ ଶାଖା । ନଦୀଟି ଗଣ୍ଡାଖିଆ ଦେଇ ପୂର୍ବରେ ପ୍ରବାହିତ । ମିଶିଛି ବଙ୍ଗୋପ ସାଗରରେ । ଗଣ୍ଡାଖିଆଠାରୁ ସାହାଡ଼ା ଗଛର ଘଞ୍ଚ ଜଙ୍ଗଲ, ଗଛରେ ସିନ୍ଦୂର ଲଗାଯାଇଛି । ତାହା ଛୁଆଳିଆ ଠାକୁରାଣୀ ରୂପେ ଆରାଧିତା । ଅତୀତରେ ସାଧବପୁଅମାନେ । ନଦୀକୂଳରେ ପଥର ଖଣ୍ଡେ ଅବା ସାହାଡ଼ା, ଅଶ୍ୱତ୍ଥ ବୃକ୍ଷ । ଏଥିରେ ସିନ୍ଦୂର ଲଗାଇ ଦେବୀରୂପେ ପୂଜୁଥିଲେ । ନଦୀ, ସମୁଦ୍ରର ମାଛ, ଦେବୀଙ୍କ ନିକଟରେ ନୈବେଦ୍ୟ । ତତ୍‌ପରେ ଭୋଜନ । ବନଦୁର୍ଗା ମନ୍ତ୍ରରେ ମା'ଙ୍କ ଆରାଧନା । ମାଳିଜାତିର ଲୋକ ଦେବୀଙ୍କ ପୂଜକ । ଛୁଆଳିଆଙ୍କ ଢେର୍ ପ୍ରସିଦ୍ଧ । ବର୍ଷର ବିଭିନ୍ନ ସମୟରେ ଏଠାରେ ଶ୍ରଦ୍ଧାଳୁଙ୍କର ଭିଡ଼ ।

ନାୟକ ବାବୁ ମନ୍ଦିର । ଏଥି ସହ ଅତୀତ ନୌବାଣିଜ୍ୟ ସ୍ମୃତି ବିଜଡ଼ିତ । ଭୁବନେଶ୍ୱରଠାରୁ ୧୦୦ କିମି ଦୂର ରାଜନଗର ତହସିଲ । ବଙ୍ଗୋପସାଗର ତଟବର୍ତ୍ତୀ ଏଇ ଅଞ୍ଚଳ । ଏଥି ଅନ୍ତର୍ଗତ ଭିତରକନିକାର ଗହୀରମଥା । ଦଶମ ଏକାଦଶ ଶତାବ୍ଦୀରେ ନିର୍ମିତ ମନ୍ଦିରଟିଏ । ଅତୀବ କାରୁକାର୍ଯ୍ୟ ବିମଣ୍ଡିତ । ଖାଖର ଶୈଳୀରେ ନିର୍ମିତ । ଉକ୍ତ ମନ୍ଦିରଟି ନାହାକ ବା ନାୟକବାବୁ ମନ୍ଦିର । କାଳକ୍ରମେ ମନ୍ଦିରଟିର ରୁଗ୍ଣ ଅବସ୍ଥାକୁ ପ୍ରାପ୍ତି । ପରବର୍ତ୍ତୀ କାଳରେ ପ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୪ ସୋମବାର

ରାସ୍ତା କାମ ଅଧାରୁ ବନ୍ଦ:ସମସ୍ୟା ଭୋଗୁଛନ୍ତି ଲୋକେ

ଧାମନଗର, ନ୍ୟୁଜ୍ ବ୍ୟୁରୋ

ଧାମନଗରରୁ ଷେଣ୍ଢପୁର ଭାୟା ଦୋବଲ ରାସ୍ତାର କିଛି ଅଂଶ ବିପର୍ଯ୍ୟସ୍ତ ହୋଇପଡ଼ିଛି । ଖଡ଼ିପଦା ଛକଠାରୁ ଷେଣ୍ଢପୁର ଯାଏ ପ୍ରାୟ ୨ କିଲୋମିଟର ରାସ୍ତାରେ ଯାତାୟାତ କରିବା ମୁସ୍କିଲ୍ ହୋଇପଡୁଛି । ପ୍ରାୟ ୪ ମାସ ହୋଇଗଲାଣି ରାସ୍ତାରେ ବଜୁରୀ ଗୁଣ୍ଡ ଓ ବଜୁରୀ ବିଛେଇ ଛାଡ଼ିଦିଆଯାଇଛି । ଫଳରେ ଯିବା ଆସିବା କରୁଥିବା ଲୋକେ ନାକେଦମ୍ ହୋଇପଡୁଛନ୍ତି । ଖଡ଼ିପଦା ଛକରୁ ଷେଣ୍ଢପୁର ହେଉ ବା ଷେଣ୍ଢପୁରରୁ ଖଡ଼ିପଦା ଛକ, ଯଦି ଜଣେ ଚାଲି ଚାଲି ଯିବ ତା ଜାଗାରେ ପହଞ୍ଚିଲା ବେଳକୁ ସେ ଧୂଳି ଗୁଣ୍ଡରେ ଗାଧୋଇ ପଡୁଛି । ସେହିପରି ଦୁଇ ଚକିଆ ଯାନ ନେଇକି ଗଲେ ବି ଭଲ ଗାଡ଼ି ଜଖମ ହୋଇଯାଉଛି । କାହାର ପଙ୍କଚର୍ ହେଉଛି ତ କାହାର ସ୍ପେୟାର୍ ପାର୍ଟସ୍ ହୁଗୁଳା ହୋଇଯାଉଛି । ଖାଲି ଏତିକି ନୁହେଁ, ବେଦପୁର ଛକରୁ ଷେଣ୍ଢପୁର ହାଇସ୍କୁଲ୍ ମଝିରେ ବଡ଼ ବଡ଼ ବୋଲ୍ଡର୍ ପକେଇ ଛାଡ଼ି ଦିଆଯାଇଛି । ଏହି ଷ୍ଟ୍ରେଚ୍‌ରେ ଦୁଇ ଚକିଆ ହେଉ କି ଚାରି ଚକିଆ ଯିବା ଆସିବା ଖୁବ୍ କଷ୍ଟକର ବ୍ୟାପାର ହେଉଛି । ବେଳେ ବେଳେ ଗାଡ଼ି ଚକରେ ଛିଟିକି ପଡ଼ି ବୋଲ୍ଡର୍ ବାଜି ଲୋକେ ଆହତ ମଧ୍ୟ ହୋଇଥିବା ଅଭିଯୋଗ ଆସିଛି । ବର୍ଷେ ତଳେ ରାସ୍ତା କାମ ଆରମ୍ଭ ହୋଇଥିଲା । ଠିକାଦାର୍ କିଛିଦିନ କାମ କରିବା ପରେ କାମ ବନ୍ଦ କରି ଚାଲି ଯାଇଛି । ଏଣୁ ଏଭଳି ଅବସ୍ଥାରେ ଲୋକେ କଷ୍ଟ ଭୋଗୁଛନ୍ତି । ଧାମନଗରରୁ ଷେଣ୍ଢପୁର ଭାୟା ଦୋବଲ ରାସ୍ତାଟି ପୂର୍ତ୍ତ ଓ ଗୃହ ନିର୍ମାଣ ବିଭାଗର ଦାୟିତ୍ୱରେ ରହିଛି । ରାସ୍ତାଟି ଦୀର୍ଘଦିନ ହେଲା ଖରାପ ହୋଇ ରହିବାରୁ ଗତ ବର୍ଷ ସ୍ଥାନୀୟ ବିଧାୟକ ତଥା ବର୍ତ୍ତମାନର ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ନିର୍ଦ୍ଦେଶରେ କାମ ଆରମ୍ଭ ହୋଇଥିଲା । ପ୍ରଥମ ପର୍ଯ୍ୟାୟରେ ଧାମନଗର କଲେଜ ପାଖରୁ ଦୋବଲ ଘୋଡ଼ାଗଣ୍ଡ ନାଳ ଯାଏ କଂକ୍ରିଟ୍ ରାସ୍ତା ହୋଇଗଲା । ବାକି ଅଂଶରେ କେଉଁଠି ପିଚୁ ଓ ଚିପ୍ସ ଗୋଳେଇ ପକେଇ ଦେଲେ ଖାଲଖମା ମରାମତି କରିଦେଲେ ଆଉ ଦୋବଲ୍‌ରୁ ଷେଣ୍ଢପୁର ମଝିରେ ରାସ୍ତାର ଦୁଇ ପାର୍ଶ୍ୱ ଫୁଟେ ଲେଖାଏ ଚଉଡ଼ା କରିଦେଲେ ତା ପରେ ସେବେଠାରୁ କାମ ବନ୍ଦ ହୋଇ ରହିଛି । ରାସ୍ତାଟି ଚାରିଟି ପଞ୍ଚାୟତର ଜୀବନରେଖା । ପ୍ରାୟ ୪୦ ହଜାର ଲୋକଙ୍କ ମୁଖ୍ୟ ସଡ଼କ । ସକାଳୁ ଉଠିଲେ ପ୍ରାୟ ୩ ହଜାର ଲୋକ ଏହି ରାସ୍ତା ଉପରେ ଚଢ଼ନ୍ତି । ଅଫିସ୍ ଟାଇମ୍ ହୋଇଗଲେ ପ୍ରାୟ ୧୦ ହଜାର ଲୋକ ଏ ବାଟେ ଯାଆସ କରନ୍ତି । ସେମିତି ଶହ ଶହ ଚାଷୀ, କଲେଜ ଛାତ୍ରଛାତ୍ରୀ, ରାଜନୈତିକ ଦଳର କର୍ମୀ ଓ ନେତା ଏହି ରାସ୍ତା ଉପରେ ଗଲେ ବ୍ଲକରେ ପହଞ୍ଚନ୍ତି । ଖଡ଼ିପଦା, ଦୋବଲ ଓ ଧାମନଗର ବଜାରରୁ ସଉଦା କିଣନ୍ତି । ରାସ୍ତା କଡ଼ରେ ୩ଟି ହାଇସ୍କୁଲ୍, ଦୁଇଟି ହାଟ ଓ ଗୋଟିଏ କଲେଜ୍ ଅଛି । ରାସ୍ତାକୁ ଲାଗିକି ୨ଟି ବସ୍‌ଷ୍ଟାଣ୍ଡ, ଗୋଟିଏ ଟ୍ରେକର ଷ୍ଟାଣ୍ଡ ଓ ଗୋଟିଏ ହସ୍ପିଟାଲ୍ ଓ ପଶୁ ଡାକ୍ତରଖାନା ରହିଛି । ମୁଖ୍ୟ ରାସ୍ତା ପାର୍ଶ୍ୱରେ ୪ଟି ବ୍ୟାଙ୍କ, ଗୋଟିଏ ଥାନା ଓ ସବ୍ ପୋଷ୍ଟ ଅଫିସ୍, ଜଳ ସମ୍ପଦ ବିଭାଗର ଉପଖଣ୍ଡ କାର୍ଯ୍ୟାଳୟ ବି ରହିଛି । ଏ ସବୁକୁ ଦେଖିଲେ ରାସ୍ତାଟି ଭଲ ହେବା ଆବଶ୍ୟକ । ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ପଚାରିବାକୁ ଫୋନ୍ କରିବାରୁ ସେ କିଛି ଜାଣିନଥିବା କହିଛନ୍ତି ।

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର

ନନ୍ଦପୁର, ନ୍ୟୁଜ୍ ବ୍ୟୁରୋ

ନନ୍ଦପୁର ବ୍ଲକରେ ଶିକ୍ଷା ବ୍ୟବସ୍ଥାର ବିକଳ ଚିତ୍ର ସାମ୍ନାକୁ ଆସିଛି । ଏହି ବ୍ଲକର ବହୁ ସରକାରୀ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗୁଡ଼ିକରେ ଏପରି ଦୟନୀୟ ଅବସ୍ଥାରେ ଶିକ୍ଷା ଦାନ ଦିଆଯାଉଛି । ଯେଉଁଠି ଶିକ୍ଷକ ଅଛନ୍ତି ସେଇଠି ଭିତ୍ତି ଭୂମି ଦୟନୀୟ ସ୍ଥିତିରେ ରହିଛି ଆଉ ଯେଉଁଠି ଭିତ୍ତି ଭୂମିର ବିକାଶ ଚାଲିଛି । ସେଠାରେ ଶିକ୍ଷକ ଅଭାବ କିମ୍ବା ଛାତ୍ରଛାତ୍ରୀଙ୍କ ସଂଖ୍ୟା କମ୍ ରହିଥିବା ମଧ୍ୟ ଦେଖିବାକୁ ମିଳୁଛି । ଯାହାର ଉଦାହରଣ ନନ୍ଦପୁର ବ୍ଲକ ଅନ୍ତର୍ଗତ ଥିବା ପଞ୍ଚାୟତର ଘାଗଡାପଣ୍ଡି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଦେଖିବାକୁ ମିଳିଛି । ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୯୬ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି ।

ଏଥିମଧ୍ୟରୁ ୩୨ ଜଣ ଛାତ୍ର ବିଦ୍ୟାଳୟ ପରିସରରେ ଥିବା ଛାତ୍ରାବାସରେ ରହୁଛନ୍ତି । ଏହି ବିଦ୍ୟାଳୟରେ ମୋଟ ୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି । ମାତ୍ର ୩ ଟି ଛୋଟ ଛୋଟ ଶ୍ରେଣୀ ବା କୋଠରୀରେ ୧ମ ରୁ ୮ମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ବସିବା ପାଇଁ ଜାଗାର ଅଭାବ ଯୋଗୁଁ ଛାତ୍ରଛାତ୍ରୀମାନେ ଛାତ୍ରାବାସର କୋଠରୀରେ ବସି ପାଠ ପଢୁଛନ୍ତି । କୋଠରୀର ଅଭାବ ହେତୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ବାଧ୍ୟ ହୋଇ ଅନ୍ତେବାସୀଙ୍କ କୋଠରୀରେ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଉଛନ୍ତି ବୋଲି ଅଭିଭାବକ ମାନେ ପ୍ରକାଶ କରିଛନ୍ତି । ଏହି ବିଦ୍ୟାଳୟର ଭିତ୍ତିଭୂମିର ବିକାଶ ଆଜି ପର୍ଯ୍ୟନ୍ତ ହୋଇପାରିନାହିଁ । ବିଦ୍ୟାଳୟ ଚାରି ପାଖ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇନାହିଁ । ସୁରକ୍ଷା ଦୃଷ୍ଟିରୁ ଏଠାରେ ଅନ୍ତେବାସୀ ମାନେ ନିଜକୁ ସୁରକ୍ଷିତ ମନେ କରୁନାହାନ୍ତି । ଦିନ ବେଳା ଗାଈ, କୁକୁର ଆଦି ପଶୁ ବିଦ୍ୟାଳୟ ପରିସରରେ ପଶିଯିବା ସହ ପରିବେଶ ଅଶାନ୍ତ ରହୁଥିବା ଅଭିଯୋଗ ହେଉଛି । ଅତି ନିକଟରେ ଜଙ୍ଗଲ ଥିବାରୁ ରାତି ହେଲେ ଅନ୍ତେବାସୀ ମାନେ ପରିସ୍ରା ପାଇଁ ବାହାରକୁ ବାହାରିବା ପାଇଁ ଭୟ କରୁଛନ୍ତି । ଏହି ବିଦ୍ୟାଳୟ ଏବଂ ଛାତ୍ରାବାସଟି କିଛି ଲୋକଙ୍କ ବ୍ୟକ୍ତିଗତ ଜମିରେ ନିର୍ମାଣ ହେଇଥିଲା । ଏଣୁ ଏଠାରେ କୌଣସି ନୂତନ କୋଠା କିମ୍ବା କୌଣସି ଉନ୍ନୟନ କାମ କରିବା ପାଇଁ ପ୍ରଶାସନ ପଦକ୍ଷେପ ନେଉନାହିଁ । ଏଣୁ ଏଠାରେ ଭିତ୍ତି ଭୂମିର ବିକାଶରେ ବାଧା ସୃଷ୍ଟି ହେଉଛି । ଏହି ସମସ୍ୟା ଏବଂ ବିଦ୍ୟାଳୟର ଦୟନୀୟ ଅବସ୍ଥାକୁ ଦେଖି ଗ୍ରାମବାସୀ ଏହି ବିଦ୍ୟାଳୟକୁ ଗାଁ ନିକଟସ୍ଥ ମୁଖ୍ୟ ରାସ୍ତା କଡ଼ରେ ଥିବା ସରକାରୀ ଜମିରେ ନିର୍ମାଣ ପାଇଁ ବ୍ଲକ ପ୍ରଶାସନକୁ ଗୁହାରୀ କରିଆସୁଛନ୍ତି । କିନ୍ତୁ ଆଜି ପର୍ଯ୍ୟନ୍ତ ନୂତନ ସ୍ଥାନରେ ନୂତନ ବିଦ୍ୟାଳୟ କୋଠା ନିର୍ମାଣ ହେଲା ନାହିଁ କି ଭିତ୍ତି ଭୂମିର ବିକାଶ ହେଲାନାହିଁ । ଏହାର ପରିଣାମ ଆମ ପିଲାମାନେ ଭୋଗୁଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏ ବିଷୟରେ ବିଡିଓ ଦୂର୍ଗା ପ୍ରସାଦ ଦୋରା କହିଛନ୍ତି । ଏହି ବିଦ୍ୟାଳୟର ସମସ୍ୟା ଯାହା ମଧ୍ୟ ରହିଛି ଏହା ଉପରେ ଦୃଷ୍ଟି ଦିଆଯିବ । ବିଦ୍ୟାଳୟର ବିକାଶ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ।

ବାତ୍ୟାର ୨୦ ଦିନ ପରେ ମଧ୍ୟ ହେଲାନି ବିଦ୍ୟୁତ୍ ସଂଯୋଗ:ପାଣି ପାଇଁ ଚାଷୀ ହନ୍ତସନ୍ତ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ନିର୍ବାଚନ ମଣ୍ଡଳୀ ଅଧିନ ଚଉଦକୁଲାଟର ଚନ୍ଦନପୁର ଗ୍ରାମର ଚାଷୀମାନେ ଚାଷ ପାଇଁ ପାଣି ନପାଇ ବିଧାୟକଙ୍କ ସମେତ ଜିଲ୍ଲାପାଳଙ୍କୁ ଅଭିଯୋଗ କରିଛନ୍ତି । ବାତ୍ୟା ଦାନା ହେବାର ୨୦ ଦିନ ପରେ ମଧ୍ୟ ସଂପୃକ୍ତ ଅଞ୍ଚଳରେ ଥିବା ବିଦ୍ୟୁତ୍ ଖୁଣ୍ଟୁ ଓ ତାର ସଜଡା ଯାଇନଥିବାରୁ ବିଲରେ ପାଣି ମଡାଯାଇ ପାରୁନାହିଁ । ବାତ୍ୟା ଦାନା ପ୍ରଭାବରେ ବିଲରେ ଥିବା ବିଦ୍ୟୁତ୍ ଖୁଣ୍ଟୁଗୁଡିକ ଭାଙ୍ଗିଯିବା ଓ ତାର ଛିଣ୍ଡିଯିବା ଫଳରେ କର୍ମଚାରୀ ମାନେ ଲାଇନ୍ କାଟି ଦେଇଥିଲେ । ତେବେ ଦୀର୍ଘ ଦିନ ପରେ ମଧ୍ୟ ନୂଆ ଖୁଣ୍ଟୁ ବସାଯାଇ ବିଦ୍ୟୁତ୍ ସଂଯୋଗ ଦିଆଯାଇ ନଥିବାରୁ ବୋରୱେଲ୍‌ରୁ ପାଣି ଟାଣିବା ସମ୍ଭବ ହେଉନାହିଁ । ଜିଲ୍ଲାପାଳ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ବିଦ୍ୟୁତ୍ ସଂଯୋଗ ଦେବାକୁ ଗ୍ରାମର ଅଭିରାମ ସେଠୀ, କ୍ଷିରୋଦ ବେହେରା, ମାନସ ବେହେରା ପ୍ରମୁଖ ଦାବି କରିଛନ୍ତି ।

ବହୁ ରାଷ୍ଟ୍ରୀୟ କମ୍ପାନୀଙ୍କ ଚକ୍ରାନ୍ତରେ ଲୋପ ପାଉଛି ଦେଶୀ ବିହନ

ବରଗଡ଼, ନ୍ୟୁଜ୍ ବ୍ୟୁରୋ

ଦେଶରେ ତୈଳ ଜାତୀୟ ଫସଲ ଉତ୍ପାଦନ ହ୍ରାସ ଓ ଅଭାବକୁ ଦୃଷ୍ଟିରେ ରଖି ବହୁରାଷ୍ଟ୍ରୀୟ କମ୍ପାନୀ ବିଭିନ୍ନ ଆଳ ଦେଖାଇ ଭାରତରେ ଜିଏମ୍ ସୋରିଷକୁ ଅନୁ ପ୍ରବେଶ କରି କୃଷି ତନ୍ତ୍ରକୁ ନଷ୍ଟ କରିବା ଉଦ୍ୟମରେ ପଛ ଦ୍ୱାରର ଆଶ୍ରା ଖୋଜୁଛି । କେତେକ ଫସଲରେ ଜୀବଜନ୍ତୁଙ୍କ ଜିନ୍‌କୁ ନେଇ ଏକ ନୂତନ ଫସଲ ଉତ୍ପାଦନର କୁ ପରିଣାମ ଦେଶ ତଥା ଚାଷୀ ଭୋଗିବ । ଏହି ପ୍ରକ୍ରିୟାରେ ଜିଏମ୍ ସୋରିଷକୁ ପ୍ରବେଶ କରାଇବା ଲକ୍ଷରେ ଦୀର୍ଘ ବିଗତ ୨୦ ବର୍ଷରୁ ଚେଷ୍ଟିତ ରହି ସର୍ବୋଚ୍ଚ ନ୍ୟାୟଳୟର ଦ୍ୱାରସ୍ଥ ରହିଥିଲେ ମଧ୍ୟ ଭାରତୀୟ କିସାନ ସଂଘର ପ୍ରବଳ ବିରୋଧ ଯୋଗୁ ଆଗକୁ ବଢିବାକୁ ସକ୍ଷମ ହୋଇପାରିନାହିଁ । ସୁପ୍ରିମ୍ କୋର୍ଟ ଏହି କେଶ୍‌କୁ ଗତ ୨୪. ୭.୨୦୨୪ ତାରିଖରେ ୨୦ ବର୍ଷ ପରେ ଏକ ବିଭାଜିତ ରାୟ ଶୁଣାଇ ଭାରତରେ ରାଷ୍ଟ୍ରୀୟ ଜିଏମ୍ ନୀତିର ଆବଶ୍ୟକତା ରହିଛି ନା ନାହିଁ ତାପାଇଁ ୪ ମାସ ମଧ୍ୟରେ ଭାରତର କୃଷି, ପର୍ଯ୍ୟାବରଣ, ଜୈବ ବିବିଧତା, ଜଳବାୟୁ, ଖାଦ୍ୟ ସୁରକ୍ଷା, ସର୍ବୋପରି ସ୍ୱାସ୍ଥ୍ୟ ସୁରକ୍ଷାକୁ ନେଇ ଏକ ଅଧ୍ୟୟନ କମିଟି କରିବାକୁ ଭାରତ ସରକାରଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି । ବିଦେଶୀ କମ୍ପାନୀର ବୈଜ୍ଞାନିକ କେବଳ କୁଣ୍ଠିତ ଚିନ୍ତାଧାରାକୁ ଭାରତକୁ ପ୍ରୟୋଗଶାଳାରେ ପରିଣତ କରିବାକୁ ଯାଉଛନ୍ତି । ଏହାକୁ ବିରୋଧ କରି ବରଗଡ଼ ଜିଲ୍ଲା ଭାରତୀୟ କିସାନ ସଂଘ ଏକ ଜ୍ଞାପନ ପତ୍ର ସାଂସଦ ପ୍ରଦୀପ ପୁରୋହିତଙ୍କୁ ତାଙ୍କ ବାସଭବନରେ ଜିଲ୍ଲା ସଭାପତି ପିତାମ୍ବର ସାହୁ, କୋଷାଧ୍ୟକ୍ଷ ଭୁପାଳ ବିଶି, ଯୁବ ପ୍ରମୁଖ ସୁଦାମ ସାହୁ, ଉପଦେଷ୍ଟା ଏକାଦସିଆ ସାହୁଙ୍କ ସହ ରାଜ୍ୟ ସଭାପତି ଶ୍ରୀମୁଖ ପ୍ରଧାନ ଓ ରାଷ୍ଟ୍ରୀୟ ସଦସ୍ୟ କେଦାର ମିଶ୍ର ଉପସ୍ଥିତ ରହି ଏହି ସୋରିଷ ବିହନ ଉପରେ ସାଂସଦରେ ବିତର୍କ କରିବାକୁ ଅନୁରୋଧ କରିଥିଲେ ।

ଆବାସ ଯୋଜନା ସତ୍ତ୍ୱେ ପଲିଥିନ୍ ତଳେ କଟୁଛି ବୃଦ୍ଧ ଦମ୍ପତିଙ୍କ ଜୀବନ

ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ସରକାର ଯୋଜନା ପରେ ଯୋଜନା କରି ଗରିବ ଅସହାୟଙ୍କ ପାଇଁ ବିଭିନ୍ନ ଯୋଜନା କରିଛନ୍ତି । ମୁଣ୍ଡ ଗୁଂଜିବାକୁ ମୋ କୁଡିଆ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଭଳି ଅନେକ ଯୋଜନା କାର୍ଯ୍ୟକାରି ହେଉଛି । ହେଲେ ଆଜିବି ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକରେ ଗରିବ ଅସହାୟ ପରିବାର ଅଛନ୍ତି ଯେଉଁମାନଙ୍କ ପାଖକୁ ଆଜିବି ସରକାରୀ ଯୋଜନାରେ ଘର ଖଣ୍ଡିଏ ମିଳିପାରିନାହିଁ । ଫଳରେ ଭଙ୍ଗା ଦଦରା ଘରେ ପଲିଥିନ୍ ତଳେ ୨ ପ୍ରାଣୀ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି । ଘର ବାହାର ଅବସ୍ଥା ଯେମିତି ଭିତର ଅବସ୍ଥା ତାଠୁ ଅଧିକ ଖରାପ ରହିଛି । ଘର ଭିତରେ ସୂର୍ଯ୍ୟ, ଚନ୍ଦ୍ର ଦିଶୁଛନ୍ତି । ଏହାରି ଭିତରେ ମଧ୍ୟ ସେମାନେ ମୁଣ୍ଡ ଗୁଂଜିବାକୁ ବାଧ୍ୟ ହେଉଛନ୍ତି ଦୁଇ ଅସହାୟ ବୃଦ୍ଧବୃଦ୍ଧା । ସୁବର୍ଣ୍ଣପୁର ଜିଲ୍ଲା ତରଭା ବ୍ଲକ କଟାପାଲି ଗ୍ରାମରେ ଓ ଅସହାୟ ବୃଦ୍ଧ ସମାରୁ ଗୁରୁ ଜଣେ ଅସହାୟ ବୃଦ୍ଧା ଅଟନ୍ତି ଓ ଗୋଟିଏ ଭଙ୍ଗା ଘରେ ରୋଷେଇ, ଖାଇବା ଆଉ ଶୋଇବା ହୋଇଥାଏ । ଏତେ କଷ୍ଟରେ ମଧ୍ୟ ଏହି ପରିବାର ରହୁଥିଲେବି ଆଜିଯାଏଁ ତାଙ୍କ ପାଖରେ ପହଞ୍ଚିପାରିନାହିଁ ସରକାରୀ ଯୋଜନାରେ ଘର ଖଣ୍ଡେ । ତାଙ୍କର ଏକମାତ୍ର ଘରବି ଚଳିତ ବର୍ଷାରେ ଭାଙ୍ଗିଯିବାରୁ ବଡ ଦୟନୀୟ ଭାବେ ଘରେ ନିଜ ଦିବ୍ୟାଙ୍ଗ ସ୍ତ୍ରୀଙ୍କୁ ନେଇ ରହିବାକୁ ବାଧ୍ୟ ହେଉଛନ୍ତି ସମାରୁ । ଜୀବନ ମରଣ ସମୟରେ ସମାରୁଙ୍କ ନାଁ ଅଛି ପୁଅ ନାଁ ଝିଅ । ପରିବାର କହିଲେ କେବଳ ସ୍ତ୍ରୀ କିନ୍ତୁ ଦିବ୍ୟାଙ୍ଗ ନାଁ ଚାଲିପାରୁଛନ୍ତି ନାଁ କୌଣସି କାମ କରିପାରୁଛନ୍ତି । ତାଙ୍କ ପାଖରେ ଜମିବାଡି ନାହିଁ ଓ ବୟସ ବୃଦ୍ଧି ଯୋଗୁଁ କାମ କରିପାରୁନାହିଁ । ଯେଣତେଣ ପ୍ରକାରେ ପରିବାର ଚଳାଇ ନେଉଛନ୍ତି ଓ ଘର ଖଣ୍ଡିଏ ନିର୍ମାଣ କରିବା ପାଇଁ ବଳ ନାହିଁ କି ପାଖରେ ଅର୍ଥ ନାହିଁ । ମୁଣ୍ଡ ଗୁଞ୍ଜିବା ପାଇଁ ସରକାରୀ ଯୋଜନାରେ ଘର ଖଣ୍ଡେ ପାଇଁ ଅନେକ ଥର ଦରଖାସ୍ତ କରିବାସହ ବିଭିନ୍ନ ଅଫିସକୁ ଧାଇଁଛନ୍ତି । ହେଲେ ଏଯାଏଁ ସରକାରୀ ଯୋଜନା ତାଙ୍କ ପାଇଁ ଘର ଗୋଟିଏ ହୋଇପାରିନାହିଁ । ଉଭୟେ ଆଜିବି ପଲିଥିନ ତାଙ୍କି ଦୟନୀୟ ଜୀବନ ବିତାଇବାକୁ ବାଧ୍ୟ ହେଉଛନ୍ତି ଓ ସମାରୁଙ୍କ ପରିବାରକୁ ସରକାରୀ ଯୋଜନାରେ ସାମିଲ୍ କରାଇ ବାସଗୃହ ଯୋଗାଇଦେବାକୁ ଗ୍ରାମବାସୀ ଦାବି କରୁଛନ୍ତି ଓ ସୁବର୍ଣ୍ଣପୁର ଜିଲ୍ଲା ପ୍ରଶାସନକୁ ଅନୁରୋଧ ଯେ ସମାରୁଙ୍କ ପ୍ରତି ଦୃଷ୍ଟି ଦେଇ ଆବାସ ଯୋଜନା ଖଣ୍ଡେ ଯୋଗାଇ ଦିଆଯାଉ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

କଣ୍ଟାବାଞ୍ଜିରେ 'କଣ୍ଟାଫୁଲ' କାର୍ଯ୍ୟକ୍ରମ

କଣ୍ଟାବାଞ୍ଜି, ନ୍ୟୁଜ୍ ବ୍ୟୁରୋ

କଣ୍ଟାବାଞ୍ଜିର ଅଗ୍ରଣୀ ଅନୁଷ୍ଠାନ ନିର୍ଝରିଣୀ ଆନୁକୂଲ୍ୟରେ ଶିଶୁ ଦିବସ ଅବସରରେ କଣ୍ଟାଫୁଲ ଉତ୍ସବ ଓ ନିଆରା ସମ୍ପର୍କ ପିଲାଙ୍କ ମୁହଁରେ ହସ କାର୍ଯ୍ୟକ୍ରମ ସିଗ୍‌ନାଲ୍ ପଡାରେ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ସଭାପତି ରାମଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କଣ୍ଟାବାଞ୍ଜି ବିଜ୍ଞାପିତ ଅଞ୍ଚଳର ଉପାଧ୍ୟକ୍ଷା ମନୋରମା ରାଉତ, ମୁଖ୍ୟ ଅତିଥି, ଅଧିବକ୍ତା ବିଷ୍ଣୁ ପ୍ରସାଦ ଶର୍ମା, ମୁଖ୍ୟବକ୍ତା, ଜ୍ୟୋତ୍ସ୍ନା ରାଣୀ ବାଗ୍, ହେରାମ ବାଗ, ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ । ସର୍ବ ପ୍ରଥମେ ଜବାହାରଲାଲଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟ ଓ ଧୂପ ପ୍ରଦାନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଥିଲା । କୁନି କୁନି ପିଲାମାନଙ୍କ ମଧ୍ୟରେ ପୁଚି, ନୃତ୍ୟ, ବେଲୁନ ଫୁଙ୍କା, ଅଭିନୟ ଆଦି କରାଯାଇ ପୁରସ୍କୃତ କରାଯାଇଥିଲା । ସ୍ୱାଗତ ଭାଷଣ ସହ ସମ୍ପାଦିକା ଅଞ୍ଜଳି ମାଝୀ ଓ ଉପ ସଭାପତି ସୂର୍ଯ୍ୟକାନ୍ତ ରଣା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଥମିର ଛତ୍ରିଆ, ନରେନ୍ଦ୍ର ସୁନା, ସବିତା ରଣା ସହ ଅନ୍ୟମାନେ ସହଯୋଗ କରିଥିଲେ ।

ଟାଟା ଷ୍ଟିଲ୍ ଯୋଡ଼ା ଠାରେ ବିଶ୍ୱ ମଧୁମେହ ଦିବସ ପାଳିତ

କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ

ମଧୁମେହ ରୋଗ ବିଷୟରେ ଜନ ସଚେତନତା ସୃଷ୍ଟି କରି କେନ୍ଦୁଝର ଜିଲ୍ଲାର ଟାଟା ଷ୍ଟିଲ୍ ଯୋଡ଼ା ଠାରେ ଗୁରୁବାର ଦିନ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମଗୁଡିକ ଟାଟା ମେନ ହସ୍ପିଟାଲ, ଯୋଡା, ଖଣ୍ଡବନ୍ଧ ଲୌହ ଖଣି, ଯୋଡା ଇଷ୍ଟ ଲୌହ ଖଣି, ବିଚାକୁଣ୍ଡି ଓ ବାମେବାରି ଲୌହ ଖଣିଠାରେ ଅଭିଜ୍ଞ ଡାକ୍ତର ମାନଙ୍କ ଦ୍ୱାରା ଆୟୋଜିତ ହୋଇଛି । ଟାଟା ମେନ୍ ହସ୍ପିଟାଲର ମୁଖ୍ୟ ଚିକିତ୍ସା ଅଧିକାରୀ ଡକ୍ଟର ସୁଚିସ୍ମିତା ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଗୁଡିକ ଆୟୋଜିତ ହୋଇଥିଲା ଓ ଏଥିରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା, ଉତ୍ତମ ଖାଦ୍ୟଭାସ, ବ୍ୟାୟମ, ଯୋଗାଭାସ କରିବା ସହ, ଗୁଟ୍‌କା ଓ ଧୂମ୍ରପାନ ନିଷେଧ ଆଦି ଉପରେ ଗୁରୁତ୍ୱ ଦିଆଯାଇଥିଲା । ଦୈନନ୍ଦିନ କାର୍ଯ୍ୟଚାପରୁ ମୁକ୍ତ ରହି ନିୟମିତ ବ୍ୟାୟାମ ଓ ପରିଚର୍ଯ୍ୟ ଦ୍ୱାରା କିପରି ନିଜକୁ ସୁସ୍ଥ ରଖି ହେବ, ତାହା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା ଓ କମ୍ପାନୀ ଓ କର୍ମଚାରୀମାନଙ୍କ ମିଳିତ ସହଯୋଗିତାରେ ଲୋକମାନଙ୍କୁ ମଧ୍ୟରେ ସଚେତନତା ସୃଷ୍ଟି କରିବା ଲାଗି କମ୍ପାନୀର ରହିଥିବା ପ୍ରତିବଦ୍ଧତାକୁ ଏହି କାର୍ଯ୍ୟକ୍ରମ ଦର୍ଶାଉଛି ।

'ଓଡ଼ିଆ ଜାତିର ଐତିହାସିକ ନୌବାଣିଜ୍ୟ ଭବିଷ୍ୟତ

ତିର୍ତ୍ତୋଲ, ନ୍ୟୁଜ୍ ବ୍ୟୁରୋ

ତ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ନଭେମ୍ବର, ସୋମବାର, ୨୦୨୪
ପୃଷ୍ଠା – ୬

'ଚାମ୍ପିୟନ୍ସ ଟ୍ରଫି ଟୁର' ନୂଆ କାର୍ଯ୍ୟସୂଚୀ ଜାରି, ପିଓକେକୁ ବାଦ୍ ଦେଲା ଆଇସିସି

ନୂଆଦିଲ୍ଲୀ

ଚାମ୍ପିୟନ୍ସ ଟ୍ରଫିକୁ ନେଇ ବିସିସିଆଇ ଓ ପାକିସ୍ତାନ କ୍ରିକେଟ ବୋର୍ଡ ମଧ୍ୟରେ ଲାଗି ରହିଥିବା ବିବାଦ ମଧ୍ୟରେ ଟ୍ରଫି ପାକିସ୍ତାନରେ ଟୁର୍ ଆରମ୍ଭ କରିଛି । ଚାମ୍ପିୟନ୍ସ ଟ୍ରଫିକୁ ପାକ୍ ଅଧିକୃତ କଶ୍ମୀର ବା ପିଓକେକୁ ନେଇଯିବା ପାଇଁ ଯୋଜନା କରିଥିବା ପାକିସ୍ତାନକୁ ଲାଗିଛି ଜୋରଦାର ଝଟ୍‌କା । ଭାରତର ଆପତ୍ତି ପରେ ଆଇସିସି ଟ୍ରଫି ଟୁର୍ ପାଇଁ ନୂଆ ସହରର ତାଲିକା ଘୋଷଣା କରିଛି । ହେଲେ ଏଥିରେ ପିଓକେର କୌଣସି ସହର ନାହିଁ । ଚାମ୍ପିୟନ୍ସ ଟ୍ରଫି ଜାନୁଆରୀ ୨୬ ପର୍ଯ୍ୟନ୍ତ ଅଂଶଗ୍ରହଣକାରୀ ଦେଶଗୁଡ଼ିକର ବିଭିନ୍ନ ସହର ଭ୍ରମଣ କରିବ । ଏହି କାର୍ଯ୍ୟକ୍ରମରେ ଟ୍ରଫିକୁ ପିଓକେ ନେଇ ଯିବାକୁ ଯୋଜନା କରିଥିଲା ପାକିସ୍ତାନ । ହେଲେ ବିସିସିଆଇର ଆପତ୍ତି ପରେ ଆଇସିସି ପାକିସ୍ତାନକୁ ତାଗିଦ୍ କରିଥିଲା । କୌଣସି ବିବାଦୀୟ ସ୍ଥାନରୁ ଟ୍ରଫି ନନେବାକୁ ପାକିସ୍ତାନକୁ କଡ଼ା ଚେତାବନୀ ଦେଇଥିଲା ଆଇସିସି । ଏହାସହ ଟ୍ରଫି ଟୁର କାର୍ଯ୍ୟକ୍ରମ ପାଇଁ ଆଜି ବିଭିନ୍ନ ଅଂଶଗ୍ରହଣକାରୀ ଦେଶର ନୂଆ ସହର ତାଲିକା ଜାରି କରିଛି ଆଇସିସି । ସଦ୍ୟତମ ପ୍ରକାଶିତ ତାଲିକାରେ ପାକ୍ ଅଧିକୃତ କଶ୍ମୀରର କୌଣସି ସହର ନାହିଁ । ଆଇସିସି ଚାମ୍ପିୟନ୍ସ ଟ୍ରଫି ଟୁର୍ କାର୍ଯ୍ୟକ୍ରମରେ ପାକିସ୍ତାନରେ ନଭେମ୍ବର ୧୬ରୁ ୨୫ ତାରିଖ ଯାଏଁ ବୁଲିବ । ଏହାପରେ ଆଫଗାନିସ୍ତାନ ଯାଇ ସେଠାରେ ୨୬ରୁ ୨୮ ତିନିଦିନ ଭ୍ରମଣ କରିବ । ଏହାପରେ ବାଂଲାଦେଶ ପହଞ୍ଚି ସେଠାରେ ଡିସେମ୍ବର ୧୦ରୁ ୧୩ ପର୍ଯ୍ୟନ୍ତ ବୁଲିବ । ଡିସେମ୍ବର ୧୫ରୁ ୨୨ ପର୍ଯ୍ୟନ୍ତ ଦକ୍ଷିଣ ଆଫ୍ରିକାରେ, ଡିସେମ୍ବର ୨୫ରୁ ଜାନୁଆରୀ ୫ ପର୍ଯ୍ୟନ୍ତ ଅଷ୍ଟ୍ରେଲିଆରେ, ଜାନୁଆରୀ ୬ରୁ ୧୧ ନ୍ୟୁଜିଲାଣ୍ଡରେ, ଜାନୁଆରୀ ୧୨ରୁ ୧୪ ଯାଏଁ ଇଂଲଣ୍ଡରେ ଭ୍ରମଣ କରିବ । ଏହାପରେ ଟ୍ରଫି ଭାରତ ଆସିବ । ୧୫ରୁ ୨୬ ଜାନୁଆରୀ ପର୍ଯ୍ୟନ୍ତ ଭାରତରେ ବିଭିନ୍ନ ସହର ଭ୍ରମଣ କରିବ ଚାମ୍ପିୟନ୍ସ ଟ୍ରଫି । ଏହାପରେ ୨୭ ଜାନୁଆରୀରେ ଟ୍ରଫି ପୁଣି ପାକିସ୍ତାନ ଫେରିଯିବ ।

ବର୍ଡର-ଗାଭାସ୍କର ଟ୍ରଫି ପ୍ରଥମ ମ୍ୟାଚ୍‌ରୁ ବାଦ୍ ପଡ଼ିବେ ଗିଲ୍

ନୂଆଦିଲ୍ଲୀ

ତୀବ୍ର ଆହ୍ୱାନଭରା ବର୍ଡର-ଗାଭାସ୍କର ଟ୍ରଫି ଆରମ୍ଭ ହେବାକୁ ଆଉ ଅଳ୍ପ ଦିନ ବାକି ଅଛି । ସମୟ ଯେତିକି ପାଖେଇ ଆସୁଛି, ଭାରତୀୟ ଦଳ ପାଇଁ ଆହତ ସମସ୍ୟା ସେତିକି ବଢ଼ିବାରେ ଲାଗିଛି । ଶନିବାର ଭାରତ 'ଏ' ଦଳ ବିପକ୍ଷରେ ଅଭ୍ୟାସ ମ୍ୟାଚ୍ ସମୟରେ ସ୍ଲିପରେ ଫିଲ୍ଡିଂ କରୁଥିବାବେଳେ ଯୁବ ବ୍ୟାଟର ଶୁବମନ ଗିଲ୍ ଆହତ ହୋଇଛନ୍ତି ।

ମିଳିଥିବା ଖବର ଅନୁସାରେ କ୍ଷେତ୍ରରକ୍ଷଣ ବେଳେ ଗିଲ୍‌ଙ୍କ ବାମ ହାତ ବୁଢ଼ା ଆଙ୍ଗୁଳିରେ ଆଘାତ ଲାଗିଥିଲା । ଏହାପରେ ସେ ପଡ଼ିଆ ଛାଡ଼ିଥିଲେ, ଆଉ ଖେଳିବାକୁ ମଧ୍ୟ ଫେରିନଥିଲେ । ଏକ୍ସ-ରେ ପରେ ତାଙ୍କ ଆଙ୍ଗୁଳି ଭାଙ୍ଗି ଯାଇଥିବା ସ୍ପଷ୍ଟ ହୋଇଛି । ଆସନ୍ତା ପ୍ରାୟ ୧୪ ଦିନ ପର୍ଯ୍ୟନ୍ତ ସେ ଖଳିପାରିବେ ନାହିଁ ବୋଲି ଡାକ୍ତର ପରାମର୍ଶ ଦେଇଛନ୍ତି । ଅର୍ଥାତ ଆସନ୍ତା ୨୨ ତାରିଖରୁ ପର୍ଥରେ ଆରମ୍ଭ ହେବାକୁ ଥିବା ବହୁ ପ୍ରତୀକ୍ଷିତ ବର୍ଡର-ଗାଭାସ୍କର ଟ୍ରଫିର ପ୍ରଥମ ମ୍ୟାଚ୍ ସେ ଖେଳିବା ସମ୍ଭବ ହେବନାହିଁ । ତେବେ ସେ ଦ୍ୱିତୀୟ ଟେଷ୍ଟ ଖେଳିବାକୁ ଫେରିପାରନ୍ତି ବୋଲି ବିସିସିଆଇ ସୂତ୍ରରୁ ପ୍ରକାଶ । ହେଲେ ଏନେଇ ବିସିସିଆଇ ପକ୍ଷରୁ ଆନୁଷ୍ଠାନିକ ଭାବରେ କିଛି ଘୋଷଣା ହୋଇନାହିଁ ।

ଏହି ଅଭ୍ୟାସ ମ୍ୟାଚରେ ପ୍ରସିଦ୍ଧ କ୍ରିଷ୍ଣା ବୋଲିଂ କରୁଥିବାବେଳେ ଏକ ବଲ୍ କେଏଲ୍ ରାହୁଲଙ୍କ କହୁଣୀରେ ବାଜିବାରୁ ସେ ମଧ୍ୟ ମ୍ୟାଚ୍ ଅଧାରୁ ପଡ଼ିଆ ଛାଡ଼ିଥିଲେ । ତେବେ ରାହୁଲ ପୁଣି ଥରେ ଅଭ୍ୟାସକୁ ଫେରିଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଅଧିନାୟକ ରୋହିତ ଶର୍ମା ପତ୍ନୀଙ୍କ ସନ୍ତାନ ଜନ୍ମ ପାଇଁ ଦଳ ସହ ଅଷ୍ଟ୍ରେଲିଆ ଗସ୍ତ କରିନାହାନ୍ତି । ତେଣୁ ଜୟସ୍ୱାଲଙ୍କ ସହ ଗିଲ୍ ପାଳି ଆରମ୍ଭ କରିବେ ବୋଲି କୁହାଯାଉଥିଲା । ଏଭଳି ସ୍ଥିତିରେ ସେ ଆହତ ହେବା ଦଳକୁ ଅଡୁଆରେ ପକାଇଛି । ଶନିବାର ରୋହିତଙ୍କ ପତ୍ନୀ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି । ତେଣୁ ଯଦି ପ୍ରଥମ ଟେଷ୍ଟ ଖେଳିବାକୁ ରୋହିତ ପର୍ଥରେ ପହଞ୍ଚିଯାଆନ୍ତି, ତାହେଲେ ସ୍ଥିତି ଭିନ୍ନ ହେବ ।

ବୁମ୍‌ରାଙ୍କ ପାଇଁ କାଳ ଉସ୍‌ମାନ ଖାୱାଜା

ନୂଆଦିଲ୍ଲୀ

ଭାରତୀୟ ବୋଲର ଜସ୍‌ପ୍ରିତ ବୁମ୍‌ରା ନିଜର ସ୍ୱତନ୍ତ୍ର ବୋଲିଂ ଶୈଳୀକୁ ନେଇ ସାରା ବିଶ୍ୱରେ ପରିଚିତ । ତାଙ୍କ ସାମ୍ନାରେ ବଡ଼ ବଡ଼ ବ୍ୟାଟ୍ସମ୍ୟାନ ଅଧିକ ସମୟ ତିଷ୍ଠି ପାରନ୍ତି ନାହିଁ । ହେଲେ ଅଷ୍ଟ୍ରେଲିଆର ଏଭଳି ଜଣେ ବ୍ୟାଟ୍ସମ୍ୟାନ୍ ଅଛନ୍ତି ଯିଏ ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ପୂର୍ବରୁ ବୁମ୍‌ରାଙ୍କୁ ନେଇ ଭୟଭୀତ ନାହାନ୍ତି । କାରଣ ସେ ବେଶ୍ ଆରାମରେ ତାଙ୍କୁ ଖେଳିପାରନ୍ତି । କେବଳ ଏତିକି ନୁହେଁ ବୁମ୍‌ରା ଆଜିଯାଏ ତାଙ୍କୁ ଟେଷ୍ଟରେ ଆଉଟ୍ କରିପାରିନାହାନ୍ତି । ଆମେ କହୁଛୁ ଅଷ୍ଟ୍ରେଲିଆର ଓପନର ଉସ୍‌ମାନ ଖାୱାଜାଙ୍କ ବିଷୟରେ । ବର୍ଡର ଗାଭାସ୍କର ଟ୍ରଫି ଆରମ୍ଭ ହେବା ପୂର୍ବରୁ ସେ କହିଛନ୍ତି ଯେ ବୁମ୍‌ରାଙ୍କୁ ଖେଳିବା ବହୁତ ସହଜ । ହେଲେ ସେ ଭାରତୀୟ ଟିମ୍‌ରୁ ବାଦ୍ ପଡ଼ିଥିବା ଜଣେ ବୋଲରଙ୍କ ନାମ କହିଛନ୍ତି ଯାହାକୁ ସେ ବହୁତ ଡରିଥାନ୍ତି ।

ଓଡ଼ିଶାରେ ପହଞ୍ଚିଲେ ଚାମ୍ପିୟନ ଟିମ୍ ବିମାନବନ୍ଦରରେ ଭବ୍ୟ ସ୍ୱାଗତ

ଭୁବନେଶ୍ୱର

ଚେନ୍ନାଇରେ ଅନୁଷ୍ଠିତ ୧୪ତମ ଜାତୀୟ ସିନିୟର ହକି ଚାମ୍ପିୟନସିପ୍‌ରେ ହରିୟାଣାକୁ ୫-୧ରେ ହରାଇ ଓଡ଼ିଶା ପୁରୁଷ ଦଳ ପ୍ରଥମ ଥର ପାଇଁ ଚାମ୍ପିୟନ ହୋଇଛି । ଏହି ପରିପ୍ରେକ୍ଷୀରେ ଚେନ୍ନାଇରୁ ଏକ ବିମାନ ଯୋଗେ ଚାମ୍ପିୟନ ହକି ଟିମ୍ ରବିବାର ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିଛନ୍ତି । ଏହି ଅବସରରେ ଖେଳାଳିଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।

ସୂଚନାଯୋଗ୍ୟ, ଜାତୀୟ ଚାମ୍ପିୟନସିପ୍‌ରେ ଓଡ଼ିଶା ପୁରୁଷ ଦଳ ପ୍ରଥମ ଥର ଟ୍ରଫି ହାସଲ କରିବାରେ ସମର୍ଥ ହୋଇଛି । ପୂର୍ବରୁ ଦଳ ୨୦୦୬ରେ ତୃତୀୟ ସ୍ଥାନ ହାସଲ କରିଥିଲା । ୨୦୧୧ ପରଠାରୁ ହକି ଇଣ୍ଡିଆ ଜାତୀୟ ଚାମ୍ପିୟନସିପ ଆୟୋଜନ କରୁଥିବା ବେଳେ ପଞ୍ଜାବ ଓ ରେଲୱେଜ ସଫଳ ଦଳ ଭାବରେ ୪ ଥର ଲେଖାଏଁ ଟାଇଟଲ ହାସଲ କରିଛନ୍ତି ।

ଓଡ଼ିଶା ପକ୍ଷରୁ ଶିଳାନନ୍ଦ ଲାକ୍ରା (୪୮, ୫୭, ୬୦) ମିନିଟ୍‌ରେ ହ୍ୟାଟ୍ରିକ ଅର୍ଜନ କରି ଓଡ଼ିଶାକୁ ବିଜୟ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ରଜତ ଆକାଶ ତିର୍କୀ (୧୧) ଓ ପ୍ରତାପ ଲାକ୍ରା (୩୯) ମିନିଟ୍ରେ ଗୋଟିଏ ଲେଖାଏଁ ଗୋଲ ଦେଇଥିଲେ । ହରିୟାଣା ପକ୍ଷରୁ ଯୋଗୀନ୍ଦର ସିଂ(୫୫) ମିନିଟ୍‌ରେ ଏକମାତ୍ର ଗୋଲ ପରିଶୋଧ କରିଥିଲେ । ଓଡ଼ିଶା ହକି ଦଳର ଏହି ସଫଳତା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ୍ସରେ ପୋଷ୍ଟ କରି ଶୁଭେଚ୍ଛା ଜଣାଇଥିଲେ । ଓଡ଼ିଶା ହକି ଦଳର ଏହି ବିଜୟ ଏକ ମାଇଲଖୁଣ୍ଟ ଭାବରେ ଆଗାମୀ ପିଢିକୁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ ।

ଆଇପିଏଲ୍ ଅକ୍ସନରେ ୧୩ ବର୍ଷର ବାଳକ ବୈଭବ ସୂର୍ଯ୍ୟବଂଶୀ

ନୂଆଦିଲ୍ଲୀ

ଆଇପିଏଲରେ ଏପର୍ଯ୍ୟନ୍ତ ଅନେକ ରେକର୍ଡ ଏବଂ ଚମତ୍କାର ଆପଣ ଦେଖିଛନ୍ତି । କିନ୍ତୁ ଏଥର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଇତିହାସରେ ପ୍ରଥମ ଥର ପାଇଁ ଏଭଳି ଏକ ଚମତ୍କାର ଘଟଣା ଘଟିବାକୁ ଯାଉଛି, ଯାହା ବୋଧହୁଏ ଆପଣ କଳ୍ପନା ମଧ୍ୟ କରିନଥିବେ । ବାସ୍ତବରେ, ଏଥର ଅକ୍ସନ ପାଇଁ ଜଣେ ୧୩ ବର୍ଷର ବାଳକଙ୍କ ନାଁ ସର୍ଟଲିଷ୍ଟେଡ ହୋଇଛି । ଆଇପିଏଲ୍ ଅକ୍ସନ ଇତିହାସରେ ସେ ସର୍ବକନିଷ୍ଠ । ଯଦି ତାଙ୍କୁ କେହି କିଣନ୍ତି, ତେବେ ସେ ଆଇପିଏଲରେ ପ୍ରବେଶ କରିବାରେ ମଧ୍ୟ ସର୍ବକନିଷ୍ଠ ଖେଳାଳି ହୋଇଯିବେ ।

ବିହାରର ଏହି ୧୩ ବର୍ଷର ବାଳକ ବୈଭବ ସୂର୍ଯ୍ୟବଂଶୀ ଆଇପିଏଲ୍ ୨୦୨୫ର ମେଗା ନିଲାମ ପାଇଁ ନିଜର ନାମ ପଞ୍ଜିକରଣ କରିଥିଲେ । ଆଇପିଏଲ୍ ବୋର୍ଡ ଦ୍ୱାରା ନିଲାମ ପାଇଁ ସର୍ଟଲିଷ୍ଟ ହୋଇଥିବା ଖେଳାଳି ତାଲିକାରେ ମଧ୍ୟ ବୈଭବଙ୍କ ନାମ ରହିଛି । ୩୦ ଲକ୍ଷ ଟଙ୍କା ବେସ୍ ପ୍ରାଇସ ସହିତ ନିଲାମରେ ପ୍ରବେଶ କରିବେ ବୈଭବ । ବିହାରର ତାଜପୁର ଗାଁରେ ୨୦୧୧ ମସିହାରେ ବୈଭବଙ୍କ ଜନ୍ମ । ଏତେ ଛୋଟ ବୟସରୁ ସେ ହାସଲ କରିଥିବା କ୍ରିକେଟ ରେକର୍ଡ ଓ ତାଙ୍କ ପ୍ରଭାବୀ କ୍ୟାରିୟର ତାଙ୍କ ଉପରେ ଟଙ୍କା ବର୍ଷା କରିବା ପାଇଁ ଫ୍ରାଞ୍ଚାଇଜ୍ ଗୁଡ଼ିକୁ ବାଧ୍ୟ କରିବ ।

ମାତ୍ର ଚାରି ବର୍ଷ ବୟସରେ ବୈଭବ ବ୍ୟାଟ୍ ଉଠାଇଥିଲେ । ଅଳ୍ପ ବୟସରେ କ୍ରିକେଟ୍ ପ୍ରତି ପୁଅର ଅସୀମ ଆଗ୍ରହକୁ ଅନୁଭବ କରିପାରିଥିଲେ ବୈଭବଙ୍କ ପିତା ସଞ୍ଜୀବ ସୂର୍ଯ୍ୟବଂଶୀ । ପୁଅ ଖେଳିବା ପାଇଁ ଏକ ସ୍ୱତନ୍ତ୍ର ପିଚ୍ ନିର୍ମାଣ

କରିଥିଲେ । ଚାରି ବର୍ଷ ପରେ ତାଙ୍କୁ ସମସ୍ତିପୁର କ୍ରିକେଟ୍ ଏକାଡେମୀରେ ଭର୍ତ୍ତି କରାଯାଇଥିଲା । ସେଠାରେ ଦୁଇ ବର୍ଷ ତାଲିମ ନେବା ପରେ ସେ ଅଣ୍ଡର-୧୬ ଦଳରେ ଯୋଗ ଦେଇଥିଲେ । ସେତେବେଳେ ବୈଭବଙ୍କୁ ମାତ୍ର ୧୦ ବର୍ଷ ବୟସ ହୋଇଥିଲା । ସେହି ବୟସରେ ସେ ବିହାରର ସମସ୍ତ ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟ ଜିତିଥିଲେ । ଏହାପରେ ଭିନୋ ମଙ୍କଡ ଟୁର୍ଣ୍ଣାମେଣ୍ଟରେ ଚମତ୍କାର ପ୍ରଦର୍ଶନ କରିଥିଲେ ବୈଭବ । ଯାହା ବିହାର କ୍ରିକେଟ୍ ବୋର୍ଡର ଦୃଷ୍ଟି ଆକର୍ଷଣ କରିଥିଲା । ତେଣୁ ସେ ୨୦୨୪ରେ ବିହାର ପାଇଁ ପ୍ରଥମ ଶ୍ରେଣୀ କ୍ରିକେଟରେ ଡେବଭ୍ୟ କରିଥିଲେ ।

କ୍ରମାଗତ ପ୍ରଭାବୀ ପ୍ରଦର୍ଶନ ପରେ ସେ ଟିମ୍ ଇଣ୍ଡିଆର ଅଣ୍ଡର-୧୯ ଦଳ ପାଇଁ ମଧ୍ୟ ମନୋନୀତ ହୋଇଥିଲେ । ସେ ବର୍ତ୍ତମାନ ରଣଜୀ ୨୦୨୪-୨୫ ଟୁର୍ଣ୍ଣାମେଣ୍ଟ ଖେଳୁଛନ୍ତି । ବାମହାତୀ ବ୍ୟାଟର ବୈଭବଙ୍କର ବିଶେଷତ୍ୱ ହେଉଛି ଆକ୍ରମଣାତ୍ମକ ଖେଳିବା । ଆଇପିଏଲ୍ ୨୦୨୫ର ମେଗା ନିଲାମ ୨୪ ଏବଂ ୨୫ ନଭେମ୍ବରରେ ସାଉଦି ଆରବରେ ଅନୁଷ୍ଠିତ ହେବ । ଏହି ନିଲାମରେ ବୈଭବ ସର୍ବକନିଷ୍ଠ ଖେଳାଳି ହୋଇଥିବାବେଳେ ଇଂଲଣ୍ଡର ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନ (୪୨ ବର୍ଷ) ସବୁଠାରୁ ବୟସ୍କ ଖେଳାଳି ।

ମାର୍କ କିଙ୍ଗ୍ ହେଲେ ୫ ବର୍ଷ ପାଇଁ ବାସନ୍ଦ

ଶିଫିଲ୍ଡ

ଇଂଲିଶ ସ୍ନୁକର ଖେଳାଳି ମାର୍କ କିଙ୍ଗ୍‌ଙ୍କୁ ୫ ବର୍ଷ ବାସନ୍ଦ କରାଯାଇଛି । ମ୍ୟାଚ୍ ଫିକ୍ସିଂ କରିବା ଓ ଟୁର୍ଣ୍ଣାମେଣ୍ଟର ଭିତିରି ତଥ୍ୟ ଯୋଗାଇ ଦେବା ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଛନ୍ତି । ୫୦ ବର୍ଷୀୟ କିଙ୍ଗ୍ ୨୦୦୩ରେ ତାଙ୍କ କ୍ୟାରିୟର ଶ୍ରେଷ୍ଠ ର୍ୟାଙ୍କିଙ୍ଗ ୧୧ଶ ସ୍ଥାନ ହାସଲ କରିଥିଲେ । ଗତବର୍ଷ ଫେବୃଆରୀ ୧୩ରେ ଖେଳାଯାଇଥିବା ଓ୍ୱେଲ୍ସ ଓପନରେ ଜୋ ପେରୀଙ୍କ ବିପକ୍ଷ ଏକ ମ୍ୟାଚ୍ ବେଳେ ସେ ବେଟିଂ ସିଣ୍ଡିକେଟ ସହ ଯୋଗାଯୋଗରେ ଥିଲେ ବୋଲି ସନ୍ଦେହ ସୃଷ୍ଟି ହୋଇଥିଲା । ଏହାର ଏକ ମାସରେ ସ୍ନୁକର ପରିଚାଳନା ପରିଷଦ କିଙ୍ଗ୍‌ଙ୍କୁ ସସ୍‌ପେଣ୍ଡ କରିଥିଲା । ଅଭିଯୋଗର ତଦନ୍ତ ପାଇଁ ଏକ ସ୍ୱାଧୀନ ଶୃଙ୍ଖଳା କମିଟି ଗଠନ କରାଯାଇଥିଲା । ତଦନ୍ତ ପରେ ଜଣାପଡ଼ିଥିଲା ଯେ, କିଙ୍ଗ ବେଟିଂ ଉଦ୍ଦେଶ୍ୟରେ ମ୍ୟାଚ ସମ୍ପର୍କରେ ଭିତିରି ତଥ୍ୟ ପ୍ରଦାନ କରିଥିଲେ । ତାଙ୍କ ବିରୋଧରେ ଅଣାଯାଇଥିବା ଏହି ଅଭିଯୋଗକୁ ସେତେବେଳେ ସେ ଖଣ୍ଡନ କରିଥିଲେ । କିଙ୍ଗଙ୍କ ବାସନ୍ଦ ଦଣ୍ଡ ୨୦୨୮ ମାର୍ଚ୍ଚ ୧୭ରେ ଶେଷ ହେବ । ତାଙ୍କୁ ଆହୁରି ମଧ୍ୟ ୬୮,୦୦୦ ପାଉଣ୍ଡ (୮୬,୦୦୦ ଡଲାର) ଜରିମାନା କରାଯାଇଛି । ମ୍ୟାଚ ଫିକ୍ସିଂରେ ଦୋଷୀ ସାବ୍ୟସ୍ତ ହୋଇ ଚାଇନିଜ ଖେଳାଳି ଲିଆଙ୍ଗ ଓ୍ୱେନ୍‌ବୋ ଓ ଲି' ହାଙ୍ଗ୍‌ଙ୍କୁ ସ୍ନୁକରରୁ ଆଜୀବନ ବାସନ୍ଦ କରାଯାଇଛି ।

ରୋହିତଙ୍କ ବଡ଼ ରେକର୍ଡ ଭାଙ୍ଗିଦେଲେ ତିଳକ ବର୍ମା

ସେଞ୍ଚୁରିୟନ୍

ତିଳକ ବର୍ମା ଦକ୍ଷିଣ ଆଫ୍ରିକା ବିପକ୍ଷରେ ବିସ୍ଫୋରକ ପ୍ରଦର୍ଶନ କରି କ୍ରମାଗତ ଦ୍ୱିତୀୟ ଶତକ ହାସଲ କରିଛନ୍ତି । ଟି-୨୦ ସିରିଜର ଚତୁର୍ଥ ମ୍ୟାଚ୍‌ରେ ଟିମ୍ ଇଣ୍ଡିଆ ପାଇଁ ବ୍ୟାଟିଂ କରି ତିଳକ ଶତକ ହାସଲ କରିଥିଲେ । ଏହି ଇନିଂସ ସମୟରେ ସେ ୬ଟି ଚୌକା ମାରିଥିଲେ । ତିଳକଙ୍କ ସହ ସଞ୍ଜୁ ସାମସନ ମଧ୍ୟ ଏକ ଶତକ ହାସଲ କରିଥିଲେ । ଏହି ମ୍ୟାଚରେ ତିଳକ ରୋହିତ ଶର୍ମାଙ୍କ ଏକ ସ୍ୱତନ୍ତ୍ର ରେକର୍ଡ ଭାଙ୍ଗିଛନ୍ତି ।

ଟିମ ଇଣ୍ଡିଆ ପାଇଁ ତିଳକ ତୃତୀୟ ସ୍ଥାନରେ ବ୍ୟାଟିଂ କରିବାକୁ ଆସିଥିଲେ । ୪୭ ବଲର ସମ୍ମୁଖୀନ ହୋଇ ସେ ଅପରାଜିତ ୧୨୦ ରନ ସ୍କୋର କରିଥିଲେ । ଏହି ଇନିଂସରେ ସେ ୧୦ ଛକା ଓ ୯ ଚୌକା ମାରିଥିଲେ ।

ମଦ୍ୟପ ଓ ଅସାମାଜିକଙ୍କ ଆଡ୍ଡାସ୍ଥଳୀ ପାଲଟିଛି ଖେଳ ପଡ଼ିଆ : କ୍ରୀଡ଼ାବିତ୍ ମହଲରେ ଅସନ୍ତୋଷ

ବାଲିଗୁଡ଼ା, ନ୍ୟୁଜ୍‌ବ୍ୟୁରୋ

କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଅନ୍ତର୍ଗତ ଦାରିଙ୍ଗବାଡ଼ି ପଞ୍ଚାୟତର ଏକମାତ୍ର ଖେଳ ପଡ଼ିଆ ଏବେ ପାଲଟିଛି ମଦ୍ୟପଙ୍କ ଆଡ୍ଡାସ୍ଥଳୀ । ଦୈନିକ ଉକ୍ତ ପଡ଼ିଆରେ କୁଢ଼କୁଢ଼ ଖାଲି ବୋତଲ, ପ୍ଲାଷ୍ଟିକ ଦେଖି କ୍ରୀଡ଼ାବିତ୍‌ଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯାଇଛି । ପ୍ରକାଶ ଯେ, ଦାରିଙ୍ଗବାଡି ରେ ୧୦ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଥିବାବେଳେ ପଡ଼େ।ଶୀ ଗ୍ରୀନବାଡ଼ି ପଞ୍ଚାୟତବାସୀ ମଧ୍ୟ ପ୍ରାତଃ ଭ୍ରମଣରେ ଏହି ପଡ଼ିଆକୁ ଆସି ବ୍ୟାୟାମ, ଯୋଗାଭ୍ୟାସ ସହ ଖେଳକୁଦ କରିଥାନ୍ତି । ସେହପରି ବିଦ୍ୟାଳୟ, କଲେଜର ଛାତ୍ରୀଛାତ୍ରମାନେ ମଧ୍ୟ ଏହି ଖେଳ ପଡିଆ ଉପରେ ନିର୍ଭର କରୁଛନ୍ତି । ହେଲେ ଅସାମାଜିକ ଲୋକ ଉକ୍ତ ପଡିଆକୁ ନଷ୍ଟ କରିଦେଉ ଛନ୍ତି । ସେମାନଙ୍କୁ ପୋଲିସ ପ୍ରଶାସନ କିମ୍ବା ବ୍ଲକ ପ୍ରଶାସନ ପକ୍ଷରୁ କୌଣସି ଆକଟ କରାଯାଉନାହିଁ । ଫଳରେ ଦିନ ରାତି ପଡ଼ିଆ ଓ ତା'ର ଆଖ ପାଖ ଅଞ୍ଚଳରେ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି । ଥାନା ପଛ ପାଖ ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଏହି ଖେଳ ପଡିଆଟି ରହିଥିବା ବେଳେ ପଡିଆକୁ ଲାଗିକି ଆଇଟିଆଇ ଶିକ୍ଷାନୁଷ୍ଠାନ ଓ ଡ. ଭୀମରାଓ ଆମ୍ବେଦକର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିଛି । ସେଠାକାର ଛାତ୍ରୀଛାତ୍ରମାନେ ଏହି ଖେଳ ପଡିଆ ଉପରେ ନିର୍ଭର କରୁଥିବା ବେଳେ ଭଙ୍ଗା ଓ ଖାଲି ମଦ ବୋତଲ ସହ କୁଢ଼କୁଢ଼ ଅଳିଆ ଆବର୍ଜନା ଯୋଗୁ ଛାତ୍ରୀଛାତ୍ରମାନେ ଖେଳକୁଦ କରିପାରୁ ନାହାନ୍ତି । ପଡ଼ିଆ ଉପରେ ନିର୍ଭର କରୁଥିବା ଲୋକ ଦୈନିକ ସଫେଇ କରୁଥିଲେ ମଧ୍ୟ ପୁଣି ପ୍ରାତଃ ଭ୍ରମଣରେ ଆସିବା ବେଳେ ସେ ସମାନ ଅବସ୍ଥା ହୋଇଥାଉଛି ବୋଲି ଅଭିଯୋଗ ହୋଇଛି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଛାତ୍ରୀଛାତ୍ରମାନେ ନିବେଦନ କରିଛନ୍ତି । ସେହିପରି ଦାରିଙ୍ଗବାଡ଼ିକୁ ଆସୁଥିବା ଓ ରାତ୍ରିଯାପନ କରୁଥିବା ରାଜ୍ୟ ଓ ରାଜ୍ୟ ବାହାରର ପର୍ଯ୍ୟଟକ ମାନେ ପ୍ରାତଃ ଭ୍ରମଣରେ ଉକ୍ତ ପଡ଼ିଆକୁ ଯାଉଥିବା ବେଳେ ପଡ଼ିଆର ଏଭଳି ଅବସ୍ଥା ଦେଖି ନାକ ଟେକୁଛନ୍ତି ।

ଭାରତୀୟ ଟିମ୍ ଅଷ୍ଟ୍ରେଲିଆରେ ଦୋହରାଇବାକୁ ଯାଉଛି ନ୍ୟୁଜିଲାଣ୍ଡ ଭଳି ଭୁଲ : ଗାଭାସ୍କର

ନୂଆଦିଲ୍ଲୀ

ଅଷ୍ଟ୍ରେଲିଆ ଗସ୍ତରେ ନ୍ୟୁଜିଲାଣ୍ଡ ବିପକ୍ଷରେ କରିଥିବା ସମାନ ଭୁଲକୁ ଭାରତୀୟ କ୍ରିକେଟ ଟିମ୍ ପୁଣିଥରେ ଦୋହରାଇବାକୁ ଯାଉଛି । ନ୍ୟୁଜିଲାଣ୍ଡ ବିପକ୍ଷରେ ଭାରତ ପ୍ରଥମ ଥର ପାଇଁ ନିଜ ମାଟିରେ କ୍ଲିନ ସ୍ୱିପ୍‌ର ସମ୍ମୁଖୀନ ହେବାକୁ ପଡ଼ିଥିଲା । ଏହାର କାରଣ ବିରାଟ କୋହଲି ଏବଂ ରୋହିତ ଶର୍ମାଙ୍କ ପରି ଷ୍ଟାର ବ୍ୟାଟ୍ସମ୍ୟାନଙ୍କ ବିଫଳତା ଥିଲା । ଏହି ବ୍ୟାଟ୍ସମ୍ୟାନଙ୍କ ବିଫଳତାର କାରଣ ବିଶ୍ୱାସ କରାଯାଉଥିଲା ଯେ

30 YEARS
ସମ୍ବାଦ କଣିକା
ଭୁବନେଶ୍ୱର, ୧୮ ନଭେମ୍ବର ୨୦୨୪ ସୋମବାର

ଦଶ ଲକ୍ଷ ଯୁବକଙ୍କୁ ସଦସ୍ୟ କରିବା ଲକ୍ଷ୍ୟ ନେଇ ଡିଜିଟାଲ କର୍ମଶାଳା ଆରମ୍ଭ କଲା ଯୁବ ବିଜେଡି

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ବିଜୁ ଜନତା ଦଳର ସଭ୍ୟ ସଂଗ୍ରହ ଅଭିଯାନ ଜାରି ରହିଥିବା ବେଳେ ରବିବାର ବିଜୁ ଯୁବ ଜନତା ଦଳ ତରଫରୁ ଭିଡିଓ କନଫରେନସିଂ ମାଧ୍ୟମରେ ଅନୁଷ୍ଠିତ ହୋଇ ଯାଇଛି । ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ, ବିଜୁ ଯୁବ ଜନତା ଦଳର ସଭାପତି ଡ଼ଃ ବ୍ୟୋମକେଶ ରାୟଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

ବିଜେଡିର ସମନ୍ୱୟ କମିଟିର ଅଧ୍ୟକ୍ଷ ଦେବୀ ପ୍ରସାଦ ମିଶ୍ର, ସଭ୍ୟ ସଂଗ୍ରହ ଅଭିଯାନ କମିଟିର ଆବାହକ ଅତନୁ ସବ୍ୟସାଚୀ ନାୟକ, ରାଜ୍ୟସଭା ସାଂସଦ ମୁଜିବୁଲା ଖାନ, ସୁବାଶିଷ ଖୁଣ୍ଟିଆ, ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ ଓ ପ୍ରଣବ ବଳବନ୍ତରାୟ, ବିଜୟ ନାୟକ ଇତ୍ୟାଦି ନିଜର ବକ୍ତବ୍ୟ ରଖି ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଚବିଶ ବର୍ଷ ଶାସନ କାଳରେ ରାଜ୍ୟରେ ଅନେକ ପ୍ରଗତି ହୋଇଛି ବୋଲି କହିଥିଲେ । ବିଜୁ ଜନତା ଦଳ ଗତ ନିର୍ବାଚନରେ ପରାଜୟ ବରଣ କରିଥିଲେ ମଧ୍ୟ ସମୁଦାୟ ଭୋଟ ହାସଲରେ ଏକ ନମ୍ବର ସ୍ଥାନ ବଜାୟ ରଖିଛି । ଓଡ଼ିଶାର ସ୍ୱାର୍ଥ ପାଇଁ ବିଜୁ ଜନତା ଦଳ ଲଢେଇ କରୁଥିଲା ଏବଂ ଆଗାମୀ ଦିନରେ ମଧ୍ୟ ଲଢେଇ ଜାରି ରଖିବ ବୋଲି କହିଥିଲେ ।

ଏହି କାର୍ଯ୍ୟକ୍ରମରେ, ୫୦୦ରୁ ଅଧିକ ବିଜୁ ଯୁବ ଜନତା ଦଳର ସଦସ୍ୟ ଭାଗ ନେଇଥିଲେ ଓ ଆରମ୍ଭ ହୋଇଥିବା ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମକୁ ବ୍ୟାପକ କରିବା ସହିତ ଦଶ ଲକ୍ଷ ଯୁବକଙ୍କୁ ନୂତନ ସଭ୍ୟ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ, ବିଜୁ ଯୁବ ଜନତା ଦଳର କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ମଙ୍ଗରାଜ, ବୈକୁଣ୍ଠ ନାୟକ, ସୋଫିଆ ଆଲାମ, ସତ୍ୟଜିତ ପଟ୍ଟନାୟକ, ତାରିଣୀ ପ୍ରସାଦ ନାୟକ, ରଶ୍ମୀରଂଜନ ଦାସ, ଆଶୀଷ ସାହୁ, ଦିଲ୍ଲୀପ ସେନାପତି, ଅବ୍‌ତାଭ ଆଲାମ୍ ଖାନ୍, ବିଜୟ କେତନ ସାହୁ, ବାସୁଦେବ ଶାହ, ଶୁଭ୍ରଜିତ ପାଢୀଙ୍କ ସହ ସମସ୍ତ ସାଙ୍ଗଠନିକ ଜିଲ୍ଲାର ଯୁବ ସଭାପତି, ବ୍ଲକ ସଭାପତି, ଏନ୍‌ଏସି ସଭାପତି, ମ୍ୟୁନିସିପାଲିଟି ସଭାପତି ଓ ବିଜୁ ଯୁବ ଜନତା ଦଳର ପ୍ରମୁଖ ପଦାଧିକାରୀଙ୍କୁ ଡିଜିଟାଲ ସଦସ୍ୟ ଗ୍ରହଣ ପ୍ରକ୍ରିୟା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା ।

‘ଦ ସାବରମତୀ ରିପୋର୍ଟ’ ଚଳଚ୍ଚିତ୍ରକୁ ପ୍ରଶଂସା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୧୭।୧୧

ଶୁକ୍ରବାର ମୁକ୍ତିଲାଭ କରିଥିବା ଚଳଚ୍ଚିତ୍ର ‘ଦ ସାବରମତୀ ରିପୋର୍ଟ’କୁ ପ୍ରଶଂସା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ସତ୍ୟ ସାମ୍ନାକୁ ଆସୁଛି, ଯାହାକୁ ଜନସାଧାରଣ ଦେଖିବାକୁ ସକ୍ଷମ ହେବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଅଭିନେତା ବିକ୍ରାନ୍ତ ମାସେଙ୍କ ଅଭିନୀତ ଏହି ଚଳଚ୍ଚିତ୍ରଟି ୨୦୦୨ ଗୋଧ୍ରା ଟ୍ରେନ ଟ୍ରାଜେଡି ଘଟଣାବଳୀ ଉପରେ ପର୍ଯ୍ୟବସିତ । ଏହି ଚଳଚ୍ଚିତ୍ର ସମ୍ପର୍କରେ ପ୍ରଧାନମନ୍ତ୍ରୀ ସାମାଜିକ

ଗଣମାଧ୍ୟମ ଏକ୍ସ’ରେ ହୋଇଥିବା ଏକ ପୋଷ୍ଟ ଉପରେ ପ୍ରତିକ୍ରିୟା ରଖି ମୋଦି କହିଛନ୍ତି, ଏହା ଅତ୍ୟନ୍ତ ଭଲ ଯେ ସତ୍ୟ ସାମ୍ନାକୁ ଆସୁଛି ଏବଂ ଜନସାଧାରଣ ବି ଏହାକୁ ଦେଖିପାରିବେ । ଏକ ମିଥ୍ୟା ଆଲୋଚନା କେବଳ ସୀମିତ ସମୟସୀମା ପର୍ଯ୍ୟନ୍ତ ବଳବତ୍ତର ରହିପାରିବ । କିନ୍ତୁ ପରିଶେଷରେ ସତ୍ୟ ହିଁ ସାମ୍ନାକୁ ଆସିବ ।

ସୂଚନାଯୋଗ୍ୟ, ଏହି ଚଳଚ୍ଚିତ୍ରଟି ଧୀରଜ ସରନାଙ୍କ ଦ୍ୱାରା ନିର୍ଦ୍ଦେଶିତ । ୨୦୦୨ ଗୋଧ୍ରା ଟ୍ରେନ ପୋଡ଼ି ଘଟଣା ଉପରେ ଏହି ଚଳଚ୍ଚିତ୍ରଟି ନିର୍ମାଣ ହୋଇଛି, ଯାହାକୁ ନେଇ ଗୁଜରାଟରେ ଅଶାନ୍ତ ବାତାବରଣ ସୃଷ୍ଟି ହୋଇଥିଲା । ସେହି ସମୟରେ ମୋଦି ଗୁଜରାଟ ମୁଖ୍ୟମନ୍ତ୍ରୀ ରହିଥିଲେ । ଏହି ଘଟଣାରେ ତାଙ୍କ ନାମକୁ ବି ବାରମ୍ବାର ଯୋଡ଼ାଯାଇଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବନ୍ଦେ ମାତରମ...

ରହୁଥିବା ବହୁ ସଂଖ୍ୟାରେ ଭାରତୀୟ ମହିଳା, ଶିଶୁ ଏବଂ ପୁରୁଷଙ୍କ ସହ ଯୋଗାଯୋଗ କରିଥିଲେ ଏବଂ ସେମାନଙ୍କ ସହ ଫଟୋଗ୍ରାଫ ମଧ୍ୟ ଅପଲୋଡ କରିଥିଲେ । ୧୬ ଏବଂ ୧୭ ନଭେମ୍ବରରେ ନାଇଜେରିଆ ଗସ୍ତ ପରେ ପ୍ରଧାନମନ୍ତ୍ରୀ ମୋଦି ଜି -୨୦ ଶିଖର ସମ୍ମିଳନୀ ପାଇଁ ବ୍ରାଜିଲ ଗସ୍ତ କରିବେ । ପ୍ରଧାନମନ୍ତ୍ରୀ ମୋଦିଙ୍କର ଶେଷ ଗନ୍ତବ୍ୟସ୍ଥଳ ହେଉଛି ଗୁୟାନା ।

ମଣିପୁରରେ କୁକି ...

ଅଞ୍ଚଳରେ କର୍ଫ୍ୟୁ ଜାରି ହୋଇଛି । ଅନ୍ୟପକ୍ଷେ ୭ ଜିଲ୍ଲାରେ ଇଣ୍ଟରନେଟ ସେବା ବନ୍ଦ ରହିଛି । ଇମ୍ଫାଲ ପଶ୍ଚିମ, ଇମ୍ଫାଲ ପୂର୍ବ, ବିଷ୍ଣୁପୁର, ଥେବାଲ୍, କାକଚିଙ୍ଗ, କୋଙ୍ଗପୋକପି ଏବଂ ଚୁଡାଚନ୍ଦପୁର ଜିଲ୍ଲାରେ ୨ ଦିନ ପାଇଁ ଇଣ୍ଟରନେଟ ବନ୍ଦ ରହିଛି । ଇମ୍ଫାଲରେ ରବିବାର ଉଦ୍ୟକ୍ତ ଜନତା କୁକି ଉଗ୍ରପନ୍ଥୀଙ୍କ ବିରୋଧରେ ହିଂସାତ୍ମକ ଆନ୍ଦୋଳନ କରିଛନ୍ତି । ଆନ୍ଦୋଳନକାରୀମାନେ ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହଙ୍କ ବାସଭବନକୁ ଘେରିଯିବା ସହ ଧସେଇ ପଶିବାକୁ ପ୍ରୟାସ କରିବାରୁ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ଏହା ସହିତ ଉଦ୍ୟକ୍ତ ଜନତା ୨ ଜଣ ମନ୍ତ୍ରୀ ଓ ୩ ବିଧାୟକଙ୍କ ଘରେ ବ୍ୟାପକ ଭଙ୍ଗାରୁଜା କରିଛନ୍ତି । ଉଲ୍ଲେଖଯୋଗ୍ୟ, ନଭେମ୍ବର ୧୧ ତାରିଖରେ ବୋରବେକ୍ରା ଅଞ୍ଚଳର ଏକ ଥାନା ଉପରେ କିଛି ଲୋକ ଆକ୍ରମଣ କରିଥିଲେ । କିନ୍ତୁ ସୁରକ୍ଷାକର୍ମୀମାନେ ଏହି ଆକ୍ରମଣର ମୁକାବିଲା କରିଥିଲେ । ସୁରକ୍ଷାକର୍ମୀଙ୍କ ଗୁଳିମାଡ଼ରେ ୧୧ ଉଗ୍ରପନ୍ଥୀ ନିପାତ ହୋଇଥିଲେ । ଏହାର ଜବାବରେ ଉଗ୍ରପନ୍ଥୀମାନେ ଥାନା ନିକଟସ୍ଥ ଏକ ରିଲିଫ ଶିବିର ଉପରେ ଆକ୍ରମଣ କରି ୩ ଜଣଙ୍କୁ ହତ୍ୟା କରିବା ସହ ୬ ଜଣଙ୍କୁ ଅପହରଣ କରିନେଇଥିଲେ ।

ମଣିପୁରରେ ସ୍ଥିତି...

ଗତି କରୁଛନ୍ତି । ଏଥିରେ ଆହୁରି କୁହାଯାଇଛି, ଆମେ ଦୃଢତାର ସହିତ ବିଶ୍ୱାସ କରୁଛୁ ଯେ, ମୁଖ୍ୟମନ୍ତ୍ରୀ ବୀରେନଙ୍କ ନେତୃତ୍ୱରେ ମଣିପୁର ରାଜ୍ୟ ସରକାର ସଙ୍କଟର ସମାଧାନ କରିବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି । ତେଣୁ ବର୍ତ୍ତମାନର ସ୍ଥିତିକୁ ଧ୍ୟାନରେ ରଖି ଏନପିପି ମଣିପୁର ସରକାରଙ୍କଠାରୁ ସମର୍ଥନ ଫେରାଇ ନେଉଛି ।

ଆରବିଆଇକୁ ...

ରଖିଛି । କେହି ଜଣେ ଦୁର୍ବୃତ୍ତ ହଇରାଣ କରିବା ପାଇଁ ଫେକ କଲ କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରୁଛି ।

ଏହାପୂର୍ବରୁ ମୁମ୍ବାଇ ବିମାନ ବନ୍ଦରକୁ ବୋମାରେ ଉଡାଇ ଦେବାକୁ ଧମକ ମିଳିଥିଲା । ମୁମ୍ବାଇ ଡୋମେଷ୍ଟିକ ଏୟାରପୋର୍ଟ (୧) ରେ ଥିବା ସିଏସ୍‌ଏଫ କଣ୍ଟ୍ରୋଲ ରୁମ୍‌କୁ ବୁଧବାର ଅପରାହ୍ନରେ ଏକ ଧମକପୂର୍ଣ୍ଣ କଲ ଆସିଥିଲା । ଜଣେ ବ୍ୟକ୍ତି ମୁମ୍ବାଇରୁ ଆଜେରବାଇଜାନକୁ ବିସ୍ଫୋରକ ସାମଗ୍ରୀ ନେଇ ଯାଉଥିବା କଲ୍‌ରେ କୁହାଯାଇଥିଲା । ଏହାକୁ ନେଇ ବିମାନବନ୍ଦରରେ ଆତଙ୍କ ଖେଳି ଯାଇଥିଲା । ସିଏସ୍‌ଏଫ ଟିମ ତୁରନ୍ତ ଏହି ମାମଲାକୁ ଗୁରୁତର ସହ ନେଇ ସାହାର ପୁଲିସ ଷ୍ଟେସନକୁ ସତର୍କ କରାଇଥିଲା । ଏହା ପରେ ବିମାନବନ୍ଦରରେ ପୁଲିସ ଫୋର୍ସ ନିୟୋଜିତ କରାଯାଇ ତଦନ୍ତ ଆରମ୍ଭ ହୋଇଥିଲା ।

ଲକ୍ଷ୍ମୀ ବସ୍‌ର...

ପାଇଁ ସେ ପରିବହନ ବିଭାଗର ନିୟମାନୁଯାୟୀ ଏକ ନିର୍ଦ୍ଦିଷ୍ଟ ସମୟ,ରୁଟ ରହିଥିବାବେଳେ ଲକ୍ଷ୍ମୀ ବସ୍ କୌଣସି ସମୟ ରୁଟ୍ ପ୍ରକାରେ ଚଳାଚଳ କରୁନାହିଁ । ପଞ୍ଚାୟତ ହେଡ କ୍ୱାର୍ଟରଠାରୁ ବ୍ଲକ ହେଡ କ୍ୱାର୍ଟରକୁ ଲକ୍ଷ୍ମୀ ବସ୍ ଚଳାଚଳର ନିୟମ ରହିଥିବା ବେଳେ ତାହାକୁ ଉଲ୍ଲଙ୍ଘନ କରି ଗୋଟିଏ ବ୍ଲକରୁ ଅନ୍ୟ ବ୍ଲକକୁ ଚଳାଚଳ କରୁଛି । ଗ୍ରାମାଞ୍ଚଳ ଜନସାଧାରଣଙ୍କୁ ସୁବିଧା ଯୋଗାଇ ଦେବା ଓ ଶୃଙ୍ଖଳାର ସହ ଯେପରି ଉଭୟ ଲକ୍ଷ୍ମୀ ବସ୍ ଓ ଘରୋଇ ବସ୍ ଚଳାଚଳ କରିବ ସେଥିଲାଗି ବିଡିଓ, ତହସିଲଦାର, ଥାନାଧିକାରୀ ପ୍ରମୁଖ ସ୍ଥାନୀୟ ପ୍ରଶାସନର ନିଷ୍ପତ୍ତି ଅନୁଯାୟୀ ନିର୍ଦ୍ଧାରଣ ହୋଇଥିବା ରୁଟ୍, ସମୟ ସାରଣୀର ନିୟମକୁ ଲକ୍ଷ୍ମୀ ବସ କର୍ମଚାରୀମାନେ ମାନୁ ନାହାନ୍ତି କି ପ୍ରଶାସନର ନର୍ଦ୍ଧାରିତ ନିଷ୍ପତ୍ତି ପ୍ରକାରେ ବସ୍ ଚଳାଉ ନାହାନ୍ତି । ଲକ୍ଷ୍ମୀବସ୍ କର୍ମଚାରୀମାନେ ଉଦ୍ଦେଶ୍ୟମୂଳକ ଭାବରେ ଘରୋଇ ବସର ରୁଟ୍, ପରମିଟ ସମୟ ଆଗରେ ବସ୍ ଚଳାଇ ଅଯଥାରେ ବିଶୃଙ୍ଖଳା ସୃଷ୍ଟି କରିବାରେ ଲାଗିଛନ୍ତି । ଲକ୍ଷ୍ମୀ ବସ ପରିଚାଳନା ଲାଗି ବ୍ଲକ ସ୍ତରରେ ରହିଥିବା କର୍ମଚାରୀମାନେ ସରକାର ଓ ପ୍ରଶାସନର ନାମକୁ ଦ୍ୱାହିଦେଇ ସବୁବେଳେ ଘରୋଇ ବସର କର୍ମଚାରୀ ଓ ମାଲିକମାନଙ୍କୁ ଅସଦ ବ୍ୟବହାର ପ୍ରଦର୍ଶନ କରିବା ସହ ପୋଲିସରେ କେସ୍ କରିବାର ଧମକାଇବାରେ ଲାଗିଛନ୍ତି ।

ଏହାକୁ ନେଇ ବାରମ୍ବାର ଜିଲ୍ଲା ପ୍ରଶାସନକୁ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ ମଧ୍ୟ ଲିଖିତ ଭାବରେ ଜଣାଇଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଘରୋଇ ବସ୍ ମାଲିକମାନେ ସମ୍ପୂର୍ଣ୍ଣ କ୍ଷତି ସହି ଟ୍ୟାକ୍ସ, ପରମିଟ ଫି, ଇନ୍ସ୍ୟୁରାନ୍ସ ଓ ଫାଇନାନ୍ସ ଦେବାରେ ସମ୍ପୂର୍ଣ୍ଣ ଅକ୍ଷମ ହୋଇପଡ଼ିଥିବାରୁ କିଛି ମାଲିକ ବସ୍ ଚଳାଚଳ ବନ୍ଦ କରି ଘରେ ରଖିଦେଇଛନ୍ତି । ଏଣୁ ଲକ୍ଷ୍ମୀ ବସ୍‌ର ଏପରି ମନମାନି ବନ୍ଦ ନ ହେବା ପର୍ଯ୍ୟନ୍ତ ଏହି ଧର୍ମଘଟ ଜାରି ରହିବ ବୋଲି ରୋକଠୋକ ଭାବେ କହିଛି ଘରୋଇ ବସ୍ ମାଲିକ ସଂଘ ।

ହାସ୍ୟ ଅଭିନେତା...

ଦେବ ଗୋସ୍ୱାମୀ ପୁରସ୍କାରରେ ସମ୍ମାନିତ କରାଯାଇଛି । ସେହିପରି ଶ୍ରୀନିବାସ ମହାପାତ୍ରଙ୍କୁ ମଧ୍ୟ ଏହି ସମ୍ମାନରେ ସମ୍ମାନିତ କରିଛି ଓଡ଼ିଆ ସିନେ ଜଗତ । ୨୦୨୧ ବର୍ଷ ପାଇଁ ଶ୍ରୀନିବାସଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି ।

କାର୍ଯ୍ୟକ୍ରମରେ ରାଜ୍ୟପାଳ ରଘୁବର ଦାସ, ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ା ଏବଂ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଉପସ୍ଥିତ ରହି ଓଡ଼ିଆ ସିନେମାର ମହାନ କଳାକାରମାନଙ୍କୁ ସମ୍ମାନିତ କରିଛନ୍ତି । ୨୦୨୦, ୨୦୨୧ ଏବଂ ୨୦୨୨ ବର୍ଷ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୦ ମସିହାର ସହିଦ ରଘୁ ସର୍ଦ୍ଦାର, ୨୦୨୧ ପାଇଁ ପ୍ରତୀକ୍ଷା ଏବଂ ଡାଲଚିନିକୁ ଶ୍ରେଷ୍ଠ ଚଳଚ୍ଚିତ୍ର ଭାବରେ ପୁରସ୍କାର ପ୍ରଦାନ କରାଯାଇଛି । ସେହିପରି ୨୦୨୨ ମସିହାରେ ଦମନ ଶ୍ରେଷ୍ଠ ପୁରସ୍କାର ସମ୍ମାନରେ ପୁରସ୍କୃତ ହୋଇଛି ।

୨୦୨୨ ପାଇଁ ହାସ୍ୟ ଅଭିନେତା ଜୟୀରାମ ସାମଲଙ୍କୁ ଜୀବନବ୍ୟାପି ସାଧନା ପୁରସ୍କାରରେ ସମ୍ମାନିତ କରାଯାଇଛି । ବରିଷ୍ଠ ଚିତ୍ରୋତ୍ତୋଳନକାରୀ ଶ୍ରୀନିବାସ ମହାପାତ୍ର ୨୦୨୧ ବର୍ଷ ପାଇଁ ମୋହନ ସୁନ୍ଦର ଦେବ ଗୋସ୍ୱାମୀ ପୁରସ୍କାର ପାଇଛନ୍ତି । ୨୦୨୦ ବର୍ଷ ପାଇଁ ଏହି ସମ୍ମାନଜନକ ପୁରସ୍କାର ତଥା ଜୀବନ ବ୍ୟାପୀ ସାଧନା ସମ୍ମାନ ପୁରସ୍କାର ନିର୍ଦ୍ଦେଶକ ଅନନ୍ତ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି ।

୩୩ ଗୋଟି ବର୍ଗରେ ୨୦୨୦, ୨୦୨୧ ଏବଂ ୨୦୨୨ ବର୍ଷ ପାଇଁ ପୁରସ୍କାର ପ୍ରଦାନ କରାଯାଇଛି । ୨୦୨୧ ପାଇଁ ସୁଧାଂଶୁ ଭୁଷଣ ମହାନ୍ତିଙ୍କୁ ଶ୍ରେଷ୍ଠ କଳା ନିର୍ଦ୍ଦେଶକ ପୁରସ୍କାର ପ୍ରଦାନ କରାଯାଇଛି । ଶ୍ରେଷ୍ଠ ଶିକ୍ଷା ଭିତ୍ତିକ ଚଳଚ୍ଚିତ୍ର ହେଉଛି ଡେଣା ଭୋକ ଫିଲ୍ମ ପାଇଁ ଶ୍ରେଷ୍ଠ ଖଳ ଅଭିନେତା ପୁରସ୍କାର କୁନା ତ୍ରିପାଠୀଙ୍କୁ ପ୍ରଦାନ କରାଯାଇଛି । ଚକ୍ଷୁ ବନ୍ଧନ ଫିଲ୍ମ ପାଇଁ ଶ୍ରେଷ୍ଠ ଖଳ ଅଭିନେତ୍ରୀ ଇଶାନି ସେନ ଗୁପ୍ତାଙ୍କୁ ପୁରସ୍କୃତ କରାଯାଇଛି ।

୨୦୨୦ ପାଇଁ ଅମ୍ଳାନ ଦାସ ଓ ଦେବାଶିଷ ପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ପୁରସ୍କାରରେ ସମ୍ମାନିତ କରାଯାଇଛି । ୨୦୨୧ ପାଇଁ ପ୍ରତୀକ୍ଷା ଓ ଡାଲଚିନିକୁ ଶ୍ରେଷ୍ଠ ଚଳଚ୍ଚିତ୍ର ବିବେଚିତ କରାଯାଇଛି । ଏଥିପାଇଁ ଦୀପାନ୍ୱିତ ଦାସମହାପାତ୍ରଙ୍କୁ ଶ୍ରେଷ୍ଠ ଅଭିନେତା ଚୟନ କରାଯାଇଛି । ସେହିଭଳି ୨୦୨୨ ବର୍ଷ ପାଇଁ ବାବୁସାନ ମହାନ୍ତିଙ୍କୁ ଶ୍ରେଷ୍ଠ ଅଭିନେତା ଭାବରେ ବିବେଚିତ କରାଯାଇଛି ।

ପୂର୍ତ୍ତମନ୍ତ୍ରୀଙ୍କ ବଡ...

ସମନ୍ୱୟର ଅଭାବ କାରଣରୁ ଅନେକ ସମୟରେ ରାସ୍ତା ନିର୍ମାଣ ଓ ମରାମତି କାର୍ଯ୍ୟରେ ସମସ୍ୟା ଦେଖାଦେଇଥାଏ । ତେଣୁ ଏହାର ନବୀକରଣ କରାଯିବା ସହିତ ଆଗାମୀ ୫୦ ବର୍ଷକୁ ଦୃଷ୍ଟିରେ ରଖି ଏକ ରାସ୍ତା ନିର୍ମାଣ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ କରାଯିବ । ଆଗାମୀ ଦିନରେ ହେବାକୁ ଥିବା ଟ୍ରାଫିକ ସମସ୍ୟାର ସମାଧାନ ନେଇ ରୋଡମ୍ୟାପ, ଆବଶ୍ୟକତାକୁ ଦୃଷ୍ଟିରେ ରଖି ନୂଆ ରାସ୍ତା ନିର୍ମାଣ, ପୁରୁଣା ରାସ୍ତାର ମରାମତି, ସେତୁ ନିର୍ମାଣ, ଘରୋଇ ଜମି ଅଧିଗ୍ରହଣ ଓ ଜଙ୍ଗଲ ଜମି ଅଧିଗ୍ରହଣ ଉପରେ ଦୃଷ୍ଟି ଦେଇ ନୀତି ପ୍ରଣୟନ କରାଯିବ ।

ଭୁବନେଶ୍ୱର...

ଇଣ୍ଟେଲିଜେନ୍ସ ବ୍ୟୁରୋ ସମୀର ଏସ ଆଇଏମ ଓଡ଼ିଶା ମହାନିର୍ଦ୍ଦେଶକ ଓ୍ୱାଇ.ବି. ଖୁରାନିଆଙ୍କୁ ଦେଶର ସର୍ବୋତ୍ତମ ପୋଲିସ ଷ୍ଟେସନ ଭାବରେ ଚୟନ ବିଷୟରେ ଚିଠି ଲେଖି ସୂଚନା ଦେଇଛନ୍ତି । ସାରା ଦେଶରେ ଶ୍ରେଷ୍ଠ ଥାନାକୁ ପୁରସ୍କୃତ କରିବା ହେଉଛି ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ବାର୍ଷିକ କାର୍ଯ୍ୟକ୍ରମ, ଯେଉଁଥିରେ ଥାନାଗୁଡିକର ଅପରାଧ ହାର, ମାମଲାର ଅନୁସନ୍ଧାନ ଏବଂ ମାମଲାର ରଫାଦଫା, ଭିତ୍ତିଭୂମି ଏବଂ ଜନସେବା ପରି ୧୫୦ ରୁ ଅଧିକ ବିଭିନ୍ନ ପାରାମିଟର ଆଧାରରେ ବିଚାର କରାଯାଇଥାଏ । ମୋଟ ପଏଣ୍ଟଗୁଡିକର ପ୍ରାୟ ୨୦ ପ୍ରତିଶତ ନାଗରିକଙ୍କ ଠାରୁ ପୋଲିସ ଷ୍ଟେସନ ବିଷୟରେ ମତାମତ ଉପରେ ଆଧାରିତ ହୋଇଥାଏ । ଏହି ମାନ୍ୟତା ପ୍ରସ୍ତୁତ କରିବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ପୋଲିସର ଗୁଣବତ୍ତା ଉନ୍ନତ କରିବା ଏବଂ ଥାନାକୁ ବନ୍ଧୁତ୍ୱପୂର୍ଣ୍ଣ କରିବା । ଏସପି (ଗଞ୍ଜାମ) ସୁଭେନ୍ଦୁ କୁମାର ପାତ୍ର କହିଛନ୍ତି ଯେ ଆମର ପୋଲିସ ଷ୍ଟେସନ ଦେଶର ତିନିଟି ସର୍ବୋତ୍ତମ ପୋଲିସ ଷ୍ଟେସନ ମଧ୍ୟରୁ ଗୋଟିଏ ହୋଇଥିବାରୁ ଆମେ ବହୁତ ଖୁସି । କର୍ମଚାରୀଙ୍କ ଦଳଗତ କାର୍ଯ୍ୟ ହେତୁ ଏହା ସମ୍ଭବ ହୋଇପାରିଛି । ଏହାର ଭିତ୍ତିଭୂମି ସୁବିଧା ଆକଳନ କରିବା ପାଇଁ ଗୃହ ମନ୍ତ୍ରଣାଳୟର ଏକ ଟିମ ସେପ୍ଟେମ୍ବର ୨୮ ରେ ୧୧୩ ବର୍ଷ ପୁରୁଣା ପାଟପୁର ପୋଲିସ ଷ୍ଟେସନ ପରିଦର୍ଶନ କରିଥିଲେ ବୋଲି ସବ୍-ଡିଭିଜନାଲ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର କହିଛନ୍ତି ।

ଓଡ଼ିଶାର ପାଟପୁର...

କହିଛନ୍ତି । ୨୦୪୭ ସୁଦ୍ଧା ଭାରତକୁ ୩୦ ଟ୍ରିଲିୟନ ଡଲାର ଅର୍ଥନୀତିରେ ପରିଣତ କରିବାକୁ ହେଲେ ଦେଶର ଭିତ୍ତିଭୂମିକୁ ସଜାଡ଼ି ବୈଷୟିକ ପଦକ୍ଷେପ ନେବାକୁ ପଡ଼ିବ ବୋଲି ସୁବ୍ରମଣ୍ୟମ ଗୁରୁତ୍ୱାରୋପ କରିଛନ୍ତି । ଅନ୍ୟପକ୍ଷେ ଭାରତୀୟ ୟୁନିଭର୍ସିଟିଗୁଡ଼ିକ ବିଶ୍ୱର ଅନ୍ୟ ବିଶ୍ୱବିଦ୍ୟାଳୟଗୁଡ଼ିକ ସହ ସମକକ୍ଷ ହୋଇପାରୁ ନ ଥିବାରୁ କେବଳ ସଂଖ୍ୟାବୃଦ୍ଧି କରିଦେଲେ ହେବ ନାହିଁ ବରଂ ଭିତ୍ତିଭୂମି ସାଙ୍ଗକୁ ଗୁଣାତ୍ମକ ଶିକ୍ଷାଦାନ କରିବାକୁ ପଡ଼ିବ ବୋଲି ମତ ପ୍ରକାଶ ପାଇଛି ।

ବିଶ୍ୱବିଦ୍ୟାଳୟ ସଂଖ୍ୟା ବୃଦ୍ଧି ନେଇ ନୀତି ଆୟୋଗ ସିଇଓ ଦେଇଥିବା ମନ୍ତବ୍ୟ ଉପରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ ତ୍ରିପାଠୀ କହିଛନ୍ତି, ଯେଉଁ ଦେଶଗୁଡ଼ିକରେ ଶିକ୍ଷାର ମାନ ବଢିଛି, ସେଠାରେ ବିଶ୍ୱବିଦ୍ୟାଳୟ ସଂଖ୍ୟା ସାଙ୍ଗକୁ ଶିକ୍ଷକ ଏବଂ ଗବେଷଣା ବୃଦ୍ଧି ପାଇଛି । ଶିକ୍ଷାର ମାନ ବୃଦ୍ଧି ପାଇଁ ଯେଉଁସବୁ ସହାୟତା ଦରକାର ତାହା ମଧ୍ୟ ବୃଦ୍ଧି ପାଇଛି । ବହୁ ସମୟରେ ପାଶ୍ଚାତ୍ୟ ଦେଶଗୁଡ଼ିକ ସହ ଆମ ଶିକ୍ଷା ବ୍ୟବସ୍ଥାର ତୁଳନା କରାଯାଉଛି । ସେଠାରେ ଅଧିକାଂଶ ବିଶ୍ୱବିଦ୍ୟାଳୟ ଘରୋଇ ହୋଇଥିଲେ ହେଁ, ତାହା ବ୍ୟବସାୟଭିତ୍ତିକ ବା ଲାଭ ପାଇଁ ହୋଇ ନ ଥାଏ । ପିଲାମାନେ କିପରି ଗୁଣାତ୍ମକ ଶିକ୍ଷା ପାଇବେ ସେଥିପ୍ରତି ଧ୍ୟାନ ଦିଆଯାଉଛି । ଏଥିସହ ଶିକ୍ଷକମାନଙ୍କର ଗୁଣାତ୍ମକ ଅଭିବୃଦ୍ଧିକୁ ମଧ୍ୟ ଦୃଷ୍ଟି ଦିଆଯାଉଛି ।

ମାତ୍ର ଆମ ଶିକ୍ଷା ବ୍ୟବସ୍ଥା ଏକ ସାଧାରଣ ଶିକ୍ଷା ବ୍ୟବସ୍ଥା ହୋଇଯାଇଛି । ଏଠାରେ ଯେଉଁ କେତେକ ଘରୋଇ ବିଶ୍ୱବିଦ୍ୟାଳୟ ଖୋଲିଛି ସେମାନେ କେବଳ ଲାଭ ପାଇଁ ବ୍ୟସ

ଶେଷ ପୃଷ୍ଠା
ଭୁବନେଶ୍ୱର
୧୮ ନଭେମ୍ବର
ସୋମବାର, ୨୦୨୪
RNI Regd. No. : 52640/94
Postal Regd. No. :
BN/60/25-27

ଏକାମ୍ର ନିର୍ବାଚନ ମଣ୍ଡଳୀରେ ୨୭ ପ୍ରକଳ୍ପର ଶିଳାନ୍ୟାସ କଲେ ବିଧାୟକ ବାବୁ ସିଂ

ଭୁବନେଶ୍ୱର, ୧୭।୧୧:ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ପ୍ରଥମ ଥର ପାଇଁ ବିଜେପି ସରକାର ଗଠନ ହେବା ପରେ ଓ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିଜେପି ବିଧାୟକ ବିଜୟୀ ହେବା ପରେ ଏକାମ୍ର ନିର୍ବାଚନ ମଣ୍ଡଳୀର ସାମଗ୍ରିକ ବିକାଶକୁ ସର୍ବଦା ପ୍ରାଧାନ୍ୟ ଦିଆଯାଉଛି । ବିଜେପି ସରକାରରେ ଏକାମ୍ରର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ସମସ୍ତ ବାଧାବିଘ୍ନ ଦୂର କରାଯିବା ସହିତ ନୂତନ ପ୍ରକଳ୍ପ ନିର୍ମାଣ କରାଯିବ । ରବିବାର ଇଟିପୁର ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମରେ ୧ କୋଟି ୩୦ ଲକ୍ଷ ଟଙ୍କାର ୨୭ ଗୋଟି ବିଭିନ୍ନ ଉନ୍ନତିମୂଳକ ପ୍ରକଳ୍ପର ଶୁଭ ଭିତ୍ତିପ୍ରସ୍ତର ସ୍ଥାପନା କରାଗଲା । ଏକାମ୍ର ବାସୀଙ୍କ ବିଶ୍ୱାସକୁ ନେଇ ବିଜେପି ସରକାର କାମ କରିବ । ନିର୍ବାଚନୀ ପ୍ରତିଶ୍ରୁତିକୁ ବାସ୍ତବ ରୂପ ଦେବା କାର୍ଯ୍ୟ ଆରମ୍ଭ ହୋଇସାରିଛି ବୋଲି ଏକାମ୍ର ବିଧାୟକ ବାବୁ ସିଂ କହିଛନ୍ତି ।

ଏସବୁ ଖୁବ୍ ଜଲ୍‌ଦୀ କାମ ଆରମ୍ଭ ହେବା ପାଇଁ ମଧ୍ୟ ନିଷ୍ପତ୍ତି ନିଆଯାଇଛି । ଅତୀତର ବିଜେଡି ସରକାର ଅମଳରେ ରାଜନୈତିକ ଇଚ୍ଛା ଓ ଆନ୍ତରିକତା ଅଭାବ କାରଣରୁ କେନ୍ଦ୍ରୀୟ ପ୍ରକଳ୍ପଗୁଡିକୁ ବାସ୍ତବ ରୂପ ମିଳି ପାରୁନଥିଲା ଏବଂ ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶ ବାଧାପ୍ରାପ୍ତ ହେଉଥିଲା । ଏହି ଐତିହାସିକ ନିଷ୍ପତ୍ତି ଏକାମ୍ର ନିର୍ବାଚନ ମଣ୍ଡଳୀରେ ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି ହେବାକୁ ଯାଉଛି ବୋଲି ଶ୍ରୀ ସିଂ କହିଛନ୍ତି । ଏକାମ୍ର ନିର୍ବାଚନ ମଣ୍ଡଳୀର ବିକାଶକୁ ପ୍ରାଧାନ୍ୟ ଦିଆଯାଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ଏକାମ୍ର ବିଧାୟକ ବାବୁ ସିଂ ଏକାମ୍ର ବାସୀଙ୍କ ତରଫରୁ ଆନ୍ତରିକ ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି । ଏହି କାର୍ଯ୍ୟକ୍ରମରେ ଭୁବନେଶ୍ୱର ବ୍ଲକ ଅଧ୍ୟକ୍ଷା ନିରୁପମା ସାହୁ, ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ କୁମାର ପୁରୋହିତ, ନାରୀନେତ୍ରୀ ରଶ୍ମୀ ମହାପାତ୍ର, ଯୁବନେତା ଆଲୋକ ରଞ୍ଜନ ସାହୁ, ସୂର୍ଯ୍ୟକାନ୍ତ ସାହୁ, କୃଷ୍ଣଚନ୍ଦ୍ର ନାୟକ, ପ୍ରମୋଦ କୁମାର ସ୍ୱାଇଁ, ସନ୍ତୋଷ ସ୍ୱାଇଁ, ପଞ୍ଚାନନ ସ୍ୱାଇଁ, ପ୍ରତାପ ଜେନା, ସରୋଜିନୀ ପରିଡା, ନାରାୟଣ ପରିଡା, ରାଜେନ୍ଦ୍ର ଖଟୁଆ, ବିଭୁତି ଭୁଷଣ ପ୍ରଧାନ, ପ୍ରକାଶ ସାହୁ, ସୁଶାନ୍ତ ସାହୁ, ଅଜୟ ସ୍ୱାଇଁ, ଭଗବାନ ଦାଶ, ଟୁକୁନା ସ୍ୱାଇଁ, ଚିରଞ୍ଜିବୀ ଗୋଛାୟତ, ମାନସ ପରିଡା, ପୂର୍ଣ୍ଣଚନ୍ଦ୍ର ପରିଡା, ପ୍ରଶାନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ସାଇକେଲରେ ଭାରତ ଭ୍ରମଣ

ସଚେତନତାର ବାର୍ତ୍ତା ବାଣ୍ଟିଲେ ପବନ ଓ ରାଜେନ୍ଦ୍ର

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍‌ବ୍ୟୁରୋ

ଜଣେ ପେଶାରେ ଡାକ୍ତର ଏବଂ ଅନ୍ୟ ଜଣେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ । ନିଶା କିନ୍ତୁ ଭାରତ ଭ୍ରମଣ । ସେ ପୁଣି ସାଇକେଲ ମାଧ୍ୟମରେ । ପାଖାପାଖି ୧୨ଟି ରାଜ୍ୟ ବୁଲି ବିଭିନ୍ନ ସଚେତନତା ବାର୍ତ୍ତା ବାଣ୍ଟିସାରିବା ପରେ ନୂଆ ଏକ ସନ୍ଦେଶକୁ ନେଇ 'ଫ୍ୟାମିଲି ବୁକ୍ ରିଡ଼ିଙ୍ଗ ଆଓ୍ୱାରନେସ୍' ନାଗରପୁରରୁ ପୁରୀ ଅଭିମୁଖେ ଦୀର୍ଘ ସାତଦିନ ପାଖାପାଖି ୧୦୭୫ କିଲୋମିଟର ଯାତ୍ରାରେ ୪୨ ବର୍ଷୀୟ ହୋଓପାଥିକ ଡାକ୍ତର ପବନ ସତ୍ୟନାରାୟଣ ଚଣ୍ଡକ ଏବଂ ୫୯ ବର୍ଷୀୟ ରାଜେନ୍ଦ୍ର ଖପ୍ରେ ୧୦

ନଭେମ୍ବରରୁ ଯାତ୍ରା ଆରମ୍ଭ କରି ଭଣ୍ଡାରା, ସାକୋଲି, ଦେବରୀ ଦୁର୍ଗ, ଭିଲାଇ, ରାୟପୁର, ନୟାଗଡ଼, ପିଥୋରା, ସରାୟପଲ୍ଲି, ସୋନପୁର, ବୌଦ୍ଧ, ଦଶପଲ୍ଲା, ନୟାଗଡ଼, ରଣପୁର, ଚିଲିକା, ପୁରୀ, କୋଣାର୍କ ଦେଇ ଶେଷରେ ଭୁବନେଶ୍ୱରରେ ଯାତ୍ରା ସାରିବା ଅବସରରେ ଏୟାରପୋର୍ଟ ସାଇକେଲିଂ କ୍ଲବର ରାଘବ ସାଇକେଲ ଗ୍ରୁପ୍ ପକ୍ଷରୁ ଉଭୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇ ଯାତ୍ରାର ସଫଳ କାମନା କରିଥିଲେ । ଯାତ୍ରାର ସମୟସୀମା ପରିସରରେ ବିଭିନ୍ନ ସ୍ଥାନରେ ରହଣି ସମୟରେ ସ୍ଥାନୀୟ ଅଧିବାସୀଙ୍କୁ ମୋବାଇଲର ଅତ୍ୟଧିକ ବ୍ୟବହାର ଫଳରେ ପରିବାରରେ ପଡୁଥିବା କୁପ୍ରଭାବ ସମେତ ବିଭିନ୍ନ ସଚେତନତା ବାର୍ତ୍ତା ବାଣ୍ଟିଥିଲେ ପବନ ଏବଂ ରାଜେନ୍ଦ୍ର ।

ଭୁବନେଶ୍ୱର : 'ମିସ୍ ଟିନ୍ ୟୁନିଭର୍ସ-୨୦୨୪' ବିଜୟିନୀ ଓଡ଼ିଆ ଝିଅ ତ୍ରିଷା ରାୟଙ୍କୁ ନବୀନ ନିବାସ ଠାରେ ସମ୍ବର୍ଦ୍ଧିତ କରୁଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ । (ଫଟୋ : ସମ୍ବାଦ କଳିକା)

ଆହ୍ୱନ ମୋଡ଼ରେ ଅବକାରୀ ବିଭାଗ

ଦୁର୍ନୀତି ଖୋର ଅଫିସରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର, ୧୭।୧୧:ନ୍ୟୁଜ୍‌ବ୍ୟୁରୋ

ଆହ୍ୱନ ମୋଡ଼ରେ ଅବକାରୀ ବିଭାଗ । ମଦ ମାଫିଆ ଓ ଗଞ୍ଜେଇ ମାଫିଆଙ୍କ ପରେ ଦୁର୍ନୀତି ଖୋର ଅଫିସରଙ୍କ ବିରୁଦ୍ଧରେ ଆରମ୍ଭ ହେଲା ଆହ୍ୱନ । ପ୍ରତିକ୍ରିୟା ରଖି ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଦୁର୍ନୀତି ବିରୋଧରେ ଶୂନ୍ୟ ସହନଶୀଳତା ଅବଲମ୍ବନ କରୁଛନ୍ତି ସରକାର । ବଡ଼ବଡ଼ ଅଫିସର ଆନନ୍ଦର ସହ ଭ୍ରଷ୍ଟାଚାର କରୁଥିଲେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଆରମ୍ଭ ହୋଇଛି । ଅବକାରୀ ବିଭାଗ କି ଯେ କୌଣସି ବିଭାଗ ହେଉ ଦୁର୍ନୀତି କରୁଥିଲେ ଆହ୍ୱନ ହେବ ।

ଅଚ୍ୟୁତ ସାମନ୍ତଙ୍କୁ ଏଫ୍‌ଆଇଭିବି 'ଗ୍ରାଣ୍ଡ କ୍ରସ୍ ସମ୍ମାନ' ପ୍ରଦାନ

ଭୁବନେଶ୍ୱର, ୧୭।୧୧:ନ୍ୟୁଜ୍‌ବ୍ୟୁରୋ

କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କୁ ଅନ୍ତର୍ଜାତୀୟ ଭଲିବଲ୍ ଫେଡେରେସନ୍ (ଏଫ୍‌ଆଇଭିବି)ର ସର୍ବୋଚ୍ଚ ସମ୍ମାନ 'ଗ୍ରାଣ୍ଡ କ୍ରସ୍ ସମ୍ମାନ' ପ୍ରଦାନ କରାଯାଇଛି । ନଭେମ୍ବର ୧୫ରୁ ୧୭ ତାରିଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପୀ ପର୍ତ୍ତୁଗାଲର ପର୍ତ୍ତୋଠାରେ ଚାଲିଥିବା ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ଅବସରରେ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । କ୍ରୀଡ଼ା ବିଶେଷ କରି ଭଲିବଲ୍‌ର ବିକାଶ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ସକାଶେ ଏଫ୍‌ଆଇଭିବି ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ସମ୍ମାନ ପ୍ରଦାନ ସମାରୋହରେ ୨୨୨ଟି ଦେଶରୁ ଆସିଥିବା ଭଲିବଲ୍ ସଂଘର ସଭାପତି ତଥା ଅନ୍ୟାନ୍ୟ ପ୍ରତିନିଧିଙ୍କ ଉପସ୍ଥିତିରେ ଏଫ୍‌ଆଇଭିବି ସଭାପତି ଡ. ଆରି ଗ୍ରାସା ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରିଥିଲେ । ନିକଟରେ ଗ୍ରାସା କିଟ୍ ଓ କିସ୍ ପରିଦର୍ଶନରେ ଆସିଥିବା ବେଳେ ଏଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଡ. ସାମନ୍ତଙ୍କୁ ଏଫ୍‌ଆଇଭିବି ଗ୍ରାଣ୍ଡ କ୍ରସ ସମ୍ମାନ ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ । ପରେ ୩୯ତମ ଏଫ୍‌ଆଇଭିବି ବିଶ୍ୱ କଂଗ୍ରେସ ଚାଲିଥିବା ବେଳେ ଡ. ସାମନ୍ତଙ୍କୁ ଏଫ୍‌ଆଇଭିବି ପକ୍ଷରୁ ସ୍ୱତନ୍ତ୍ର ନିମନ୍ତ୍ରଣ କରାଯାଇ ସମ୍ମାନୀତ କରାଯାଇଥିଲା ।

ସୂଚନାଯୋଗ୍ୟ ଗ୍ରାଣ୍ଡ କ୍ରସ୍ ସମ୍ମାନ ହେଉଛି ଏଫ୍‌ଆଇଭିବିର ସର୍ବୋଚ୍ଚ ସମ୍ମାନ । ଭଲିବଲ୍ ତଥା କ୍ରୀଡ଼ାର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବାରୁ ଡ. ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି । ଏହି ଅବସରରେ ଉପସ୍ଥିତ ୨୨୨ଟି ଦେଶର ଭଲିବଲ୍ ସଂଘର ମୁଖ୍ୟମାନେ ଡ. ସାମନ୍ତଙ୍କ କାର୍ଯ୍ୟର ଭୂୟସୀ

ପ୍ରଶଂସା କରିଥିଲେ ।

ନିଜ ପ୍ରତିକ୍ରିୟାରେ ଡ. ସାମନ୍ତ କହିଛନ୍ତି, ୨୨୨ଟି ଦେଶର ପ୍ରତିନିଧିଙ୍କ ମଧ୍ୟରୁ ମୋତେ ଚିହ୍ନଟ କରି ଏଫ୍‌ଆଇଭିବିର ଅନୁମୋଦନ ପରେ ଏହାର ସର୍ବୋଚ୍ଚ ସମ୍ମାନ ମୋତେ ଅତି ସ୍ନେହରେ ପ୍ରଦାନ କରାଯାଇଥିବାରୁ ଏହି ସମ୍ମାନ ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ମୁଁ ଋଣୀ । ଏହାର ଶ୍ରେୟ ସେ ଭଗବାନଙ୍କୁ ଦେଇଛନ୍ତି । ଏହା ସହିତ ଏହି ସମ୍ମାନକୁ ସେ ଭାରତର ସମସ୍ତ କ୍ରୀଡ଼ା ଓ କ୍ରୀଡ଼ାବିତ୍ ଓ ବିଶେଷ କରି ଓଡ଼ିଶାର କ୍ରୀଡ଼ା ଓ କ୍ରୀଡ଼ାବିତ୍ ତଥା କିଟ୍ ଓ କିସ୍‌କୁ ଉତ୍ସର୍ଗ କରିଛନ୍ତି ।

ଡିଆରଡିଓର ବଡ଼ ସଫଳତା : ହାଇପରସୋନିକ ମିସାଇଲର ସଫଳ ପରୀକ୍ଷଣ

ନୂଆଦିଲ୍ଲୀ, ୧୭।୧୧

ଭାରତକୁ ହାଇପରସୋନିକ ମିସାଇଲ ପରୀକ୍ଷଣରେ ବଡ଼ ସଫଳତା ମିଳିଛି । ଦେଶରେ ପ୍ରତିରକ୍ଷା କ୍ଷେତ୍ରରେ ଗବେଷଣା ପାଇଁ ପ୍ରସିଦ୍ଧ ଡିଆରଡିଓ ଦୀର୍ଘ ଦୂରତାର ହାଇପରସୋନିକ ମିସାଇଲର ସଫଳ ପରୀକ୍ଷଣ କରିଛି । କୁହାଯାଉଛି ଯେ ଓଡ଼ିଶାର ଉପକୂଳ ଅଞ୍ଚଳରେ ଥିବା ଏପିଜେ ଅବଦୁଲ କାଲାମ ଦ୍ୱୀପରେ ଏହି ପରୀକ୍ଷଣ କରାଯାଇଛି ।

ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏକ୍ସ ପୋଷ୍ଟରେ କହିଛନ୍ତି ଯେ, ଭାରତ ଦୀର୍ଘ ଦୂରତାର ହାଇପରସୋନିକ ମିସାଇଲର ସଫଳତାପୂର୍ବକ ଉଡ଼ାଣ ପରୀକ୍ଷଣ କରି ଏକ ବଡ ଉପଲବ୍ଧି ହାସଲ କରିଛି । ଏହା ଏକ ଐତିହାସିକ କ୍ଷଣ ଅଟେ ଏବଂ ଏହି ଉପଲବ୍ଧି ଆମର ଦେଶକୁ ଏଭଳି ଚୟନ ଦେଶଗୁଡ଼ିକର ଗ୍ରୁପ୍‌ରେ ସାମିଲ କରିଛି, ଯେଉଁମାନଙ୍କ ନିକଟରେ ଏଭଳି ଗୁରୁତ୍ୱପୂର୍ଣ୍ଣ ସୈନ୍ୟ ଟେକ୍ନୋଲୋଜିର କ୍ଷମତା ଅଟେ । ସେ ଏହି ସଫଳତା ପାଇଁ ଡିଆରଡିଓ, ସଶସ୍ତ୍ର ବଳ ଓ ଉଦ୍ୟୋଗକୁ ଶୁଭେଚ୍ଛା ଜଣାଇ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସଫଳତା ବୋଲି କହିଛନ୍ତି ।

ପୂର୍ବତନ ମନ୍ତ୍ରୀ ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କ ଜୟନ୍ତୀ ପାଳିତ

ସାଧାରଣ ଜନତାଙ୍କ ସନ୍ତୋଷ ହିଁ ରାଜନେତାଙ୍କର ସବୁଠାରୁ ବଡ଼ ସମ୍ପତ୍ତି : ନବୀନ ପଟ୍ଟନାୟକ

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍‌ବ୍ୟୁରୋ

ରବିବାର ବିଶିଷ୍ଟ ଜନ ନେତା ହରିଶ୍ଚନ୍ଦ୍ର ବକ୍ସିପାତ୍ରଙ୍କର ଜନ୍ମ ଦିବସ । ଏହି ଅବସରରେ ତାଙ୍କ ଅମର ଆତ୍ମା ପ୍ରତି ମୋର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି ବୋଲି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ କହିଛନ୍ତି । ସ୍ୱର୍ଗତଃ ବକ୍ସିପାତ୍ରଙ୍କ ୯୧ତମ ଜୟନ୍ତୀ ଉତ୍ସବ ଜୟଦେବ ଭବନରେ ପାଳନ କରାଯିବା ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ, ହରିଶ୍ଚନ୍ଦ୍ର ବକ୍ସିପାତ୍ର ଓଡ଼ିଶା ରାଜନୀତିରେ ଏକ ସ୍ୱତନ୍ତ୍ର ସ୍ଥାନର ଅଧିକାରୀ । ଛାତ୍ର ଜୀବନରୁ ତାଙ୍କର ସଂଗ୍ରମୀ ଜୀବନ ଆରମ୍ଭ ହୋଇଥିଲା । ଗରିବ ଲୋକଙ୍କ କଲ୍ୟାଣ ପାଇଁ ସେ ସଂଗ୍ରାମ କରିଯାଇଛନ୍ତି । ଆଦିବାସୀ ଭାଇଭଉଣୀଙ୍କର ହକ୍ ପାଇଁ ସେ ସଂଗ୍ରାମ କରୁଥିଲେ । ଚାଷୀମାନଙ୍କ

ସ୍ୱାର୍ଥ ପାଇଁ ସେ ସଂଗ୍ରାମ କରୁଥିଲେ ଏବଂ ସେମାନଙ୍କୁ ଶୋଷଣରୁ ମୁକ୍ତି ଦେବା ପାଇଁ ସେ ଲଢ଼େଇ କରୁଥିଲେ । ସଂଗ୍ରାମ ହିଁ ଥିଲା ତାଙ୍କର ସବୁଠାରୁ ବଡ଼ ପରିଚୟ । ଜଣେ ମନ୍ତ୍ରୀ ବା ବିଧାୟକ ଭାବରେ ପରିଚୟ ଠାରୁ ଏ ପରିଚୟ ଥିଲା ବହୁ ଉପରେ । ସେ ଥିଲେ ଗରିବ ଜନତାର ପ୍ରକୃତ ବନ୍ଧୁ । ସମାଜବାଦୀ ଆଦର୍ଶରେ ତାଙ୍କର ଗଭୀର ବିଶ୍ୱାସ ଥିଲା ଏବଂ ଏହି ଆଦର୍ଶ ତାଙ୍କ ଜୀବନ ଓ କାର୍ଯ୍ୟରେ ପ୍ରତିଫଳିତ ହେଉଥିଲା । ତାଙ୍କ ପିଢ଼ିର ରାଜନେତାଙ୍କ ଅଭାବ ଆଜି ସମସ୍ତେ ଅନୁଭବ କରୁଛନ୍ତି ।

ରାଜନୀତି ହେଉଛି ଏକ ପ୍ରତିବଦ୍ଧତା, ଏକ ଆଦର୍ଶ ପାଇଁ ପ୍ରତିବଦ୍ଧତା, ଲୋକଙ୍କୁ ନିଃସ୍ୱାର୍ଥପର ସେବା ଦେବାର ପ୍ରତିବଦ୍ଧତା । ଏହା ନିଃସନ୍ଦେହରେ କୁହାଯାଇପାରେ କି ରାଜନୀତି ହେଉଛି କ୍ଷମତାର ସିଡ଼ି । ଲୋକଙ୍କ କଲ୍ୟାଣ ପାଇଁ କାମ କରିବାକୁ ଏକ ସୁଯୋଗ । କିନ୍ତୁ ନୈତିକତା ବିହୀନ ରାଜନୀତି କେବଳ ଛଳନା ପଦବାଚ୍ୟ । ଜଣେ ନିଷ୍ଠାପର ଓ ପ୍ରତିଶ୍ରୁତି ବଦ୍ଧ ରାଜନେତା ହିଁ ଲୋକଙ୍କ ଜୀବନରେ ରୂପାନ୍ତର ଆଣିପାରିବ । ଅନେକ ରାଜନୀତି କୁ କ୍ଷମତା ହାସଲ ପାଇଁ ଏକ ସ୍ପ୍ରିଙ୍ଗବୋର୍ଡ଼ ଭାବରେ ବିଚାର କରନ୍ତି । କିନ୍ତୁ ମୋ ବିଚାରରେ ଲୋକଙ୍କ ଭଲ ପାଇବା ଆଗରେ, କ୍ଷମତା, ପଦ ମର୍ଯ୍ୟାଦା ଓ ପ୍ରତିପତ୍ତି ତୁଚ୍ଛ । ସାଧାରଣ ଜନତାଙ୍କ ସନ୍ତୋଷ ହିଁ ରାଜନେତାଙ୍କର ସବୁଠାରୁ ମୂଲ୍ୟବାନ ସମ୍ପତ୍ତି ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି ।

ଏହି କାର୍ଯ୍ୟକ୍ରମରେ ବିଶିଷ୍ଟ ସମାଜ ବିଜ୍ଞାନୀ ତଥା ବୁଦ୍ଧିଜୀବୀ ଯୋଗେନ୍ଦ୍ର ଯାଦବଙ୍କ ସମେତ ଉପସ୍ଥିତ ଅତିଥିମାନେ ବକ୍ସିପାତ୍ରଙ୍କ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ବିଶିଷ୍ଟ ସମାଜସେବୀ ପ୍ରମିଳା ସ୍ୱାଇଁ ଏବଂ ସାମ୍ବାଦିକ ଶ୍ରୀମୟ କରଙ୍କୁ ଅତିଥିମାନେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ସ୍ମୃତି ପୁରସ୍କାର ପ୍ରଦାନ କରିଥିଲେ ।

ନଭେମ୍ବର ୨୩ରୁ ମିଡିଆ ମହାକୁମ୍ଭ : ଲୋଗୋ ଉନ୍ମୋଚିତ

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍‌ବ୍ୟୁରୋ

ଜାତୀୟ ଗଣମାଧ୍ୟମ କନକ୍ଲେଭର ଅଷ୍ଟମ ସଂସ୍କରଣ ନଭେମ୍ବର ୨୩ରୁ ତିନିଦିନ ଧରି ଭୁବନେଶ୍ୱରସ୍ଥିତ କିଟ୍ ବିଶ୍ୱବିଦ୍ୟାଳୟ ପରିସରରେ କିମ୍‌ସ ଅଡିଟୋରିୟମରେ ଆରମ୍ଭ ହେବାକୁ ଯାଉଛି । ରବିବାର ଏହାର ଲୋଗୋ ଏବଂ ପୋଷ୍ଟର ଇନଷ୍ଟିଚ୍ୟୁଟ୍ ଅଫ୍ ମିଡିଆ ଷ୍ଟଡିଜ୍ (ଆଇଏମ୍‌ଏସ୍) ସମ୍ମିଳନୀ କକ୍ଷରେ କନକ୍ଲେଭର ସଭାପତି ପ୍ରଫେସର ଉପେନ୍ଦ୍ର ପାଢ଼ୀ ଆୟୋଜକ କମିଟି ସଦସ୍ୟଙ୍କ ଉପସ୍ଥିତିରେ ଉନ୍ମୋଚିତ ହୋଇଯାଇଛି ।

ଏହି ବର୍ଷ ଏହି କନକ୍ଲେଭରେ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୧୨୫ତମ ଜନ୍ମବାର୍ଷିକୀ ପାଳନ କରାଯିବ ଏବଂ ବିଭିନ୍ନ ଅଧିବେଶନରେ ତାଙ୍କର ଜୀବନୀ ଓ ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନକୁ ଉଜ୍ଜୀବିତ କରାଯିବ । ପୂର୍ବାଞ୍ଚଳ ଭାରତର ସବୁଠୁ ବଡ଼ ଏକାଡେମିକ୍ କନକ୍ଲେଭ ତଥା ମିଡ଼ିଆ ମହାକୁମ୍ଭ ଭାବରେ ବିବେଚିତ ଏହି ସମ୍ମିଳନୀର ମୁଖ୍ୟ ଆଲୋଚ୍ୟ ବିଷୟବସ୍ତୁ ରହିଛି 'କୃତ୍ରିମ ବୁଦ୍ଧିମତ୍ତା ଯୁଗରେ ଗଣମାଧ୍ୟମ' । ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓକାକ୍, କିଟ୍ ବିଶ୍ୱବିଦ୍ୟାଳୟ ଏବଂ ଇଣ୍ଡିଆନ୍ କାଉନସିଲ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚର ମିଳିତ ସହଯୋଗରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନ ଆଇଏମ୍‌ଏସ୍ ଦ୍ୱାରା ଏହି ଅଷ୍ଟମ ଜାତୀୟ ଗଣମାଧ୍ୟମ ସମ୍ମିଳନୀ ଆୟୋଜିତ ହେଉଛି ।

ଏହି କନ୍‌କ୍ଲେଭ୍‌ରେ ଉଦ୍‌ଘାଟନୀ ସମାରୋହ ସହ ବିଭିନ୍ନ ସମସାମୟିକ ପ୍ରସଙ୍ଗ ତଥା କୃତ୍ରିମ ବୁଦ୍ଧିମତ୍ତା ସମ୍ପର୍କିତ ସାତୋଟି ଆଲୋଚନାଚକ୍ର ଏବଂ ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ ପାଇଁ ୪ଟି ସମାନ୍ତରାଳ ବୈଷୟିକ ଅଧିବେଶନ ଅନୁଷ୍ଠିତ ହେବ । ଏହି ସମ୍ମିଳନୀରେ ବରିଷ୍ଠ ଗଣମାଧ୍ୟମ ଶିକ୍ଷାବିତ୍, ଗବେଷକ ଏବଂ ଦେଶର ୭୦ଟି ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ୭୦୦ରୁ ଅଧିକ ଅଂଶଗ୍ରହଣ କରିବେ । ସମାନ୍ତରାଳ ବୈଷୟିକ ଅଧିବେଶନରେ ପ୍ରାୟ ୮୦ଟି ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପିତ ହେବ ବୋଲି ଶ୍ରୀ ପାଢ଼ୀ ସୂଚନା ଦେଇଛନ୍ତି ।

ଅନ୍ୟମାନଙ୍କ ମଧ୍ୟରେ କିଟ୍ ଗଣଯୋଗାଯୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଏବଂ ଆସୋସିଏଟ୍ ଡିନ୍ ଡକ୍ଟର ରାଜୀବ କୁମାର ପଣ୍ଡା, ବିର୍ଲା ଗଣ ଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ଡକ୍ଟର ଜ୍ଞାନରଞ୍ଜନ ମିଶ୍ର, ଆଇଏମ୍‌ଏସ୍ ସମାଜ ସେବା ବିଭାଗର ଆସୋସିଏଟ୍ ପ୍ରଫେସର ଡକ୍ଟର ଗାୟତ୍ରୀ ପଟ୍ଟନାୟକ ଓ ଆଇଏମ୍‌ଏସ୍ ସାମ୍ବାଦିକତା ଓ ଗଣଯୋଗାଯୋଗ ବିଭାଗର ସହକାରୀ ପ୍ରଫେସର ମନୋରଞ୍ଜନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

ଛାଡ଼ଖାଇରେ ଆମିଷ ବଜାରରେ ଦର ନିଆଁ

ଭୁବନେଶ୍ୱର, ୧୭।୧୧
ନ୍ୟୁଜ୍‌ବ୍ୟୁରୋ

ଶୁକ୍ରବାର କାର୍ତ୍ତିକ ପୂର୍ଣ୍ଣିମା ହୋଇଥିବା ବେଳେ ଶନିବାର ପଡ଼ିଥିଲା ଛାଡ଼ଖାଇ । ମାତ୍ର ଏହି ଦିନ ସଂକ୍ରାନ୍ତି ପଡ଼ିଥିବାରୁ ଛାଡ଼ଖାଇ ଫିକା ପଡ଼ିଯାଇଥିଲା । ଯେଉଁଥିପାଇଁ ଲୋକେ ରବିବାର ଛାଡ଼ଖାଇ ପାଳନ କରିଛନ୍ତି । ଏନେଇ ଆମିଷ ବଜାରରେ ନିଆଁ ଲାଗିଛି ଅର୍ଥାତ ଦର ଆକ